


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






# ୧୦ ଦେଶ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଯୋଜନା କରୁଛି ଆମେରିକା

ୱାସିଂଟନ,୧୫/୯: ଜଣେ ଆମେରିକୀୟ ସାଂସଦ ରୁଷ ଉପରେ କଟକଣା ଲାଗୁ କରିବା ପାଇଁ ଏକ ବିଲ୍‌ରେ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଭାରତ ସମେତ ରୁଷର ପ୍ରମୁଖ ବାଣିଜ୍ୟିକ ଅଂଶୀଦାରଙ୍କ ନାମ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି । 'ଲିଣ୍ଡସେ ଓ. ଗ୍ରାହାମ ସାଙ୍କସନ୍ସି ରୁଷ ଆଣ୍ଡ ଇରାନ ଆକ୍ଟ' ନାମକ ଏହି ବିଲ୍ ଗତ ମାସରେ ଆମେରିକା ସିନେଟ୍ ଦ୍ୱାରା ବଡ଼ ବହୁମତରେ ଗୃହୀତ ହୋଇଥିଲା । ଏହାର ସପକ୍ଷରେ ୮୬ ଜଣ ସାଂସଦ ଭୋଟ୍ ଦେଇଥିବା ବେଳେ ୧୧ ଜଣ ବିପକ୍ଷରେ ଭୋଟ୍ ଦେଇଥିଲେ । ଏହି ବିଲ୍ ରୁଷର ନେତୃତ୍ୱ ଏବଂ ଏହାର ଶକ୍ତି କ୍ଷେତ୍ର ଉପରେ କଟକଣା ଲଗାଇବା ସହିତ ତୈଳ ବିକ୍ରୟ କଟକଣାକୁ ଏଡ଼ାଇବା ପାଇଁ ରୁଷ ବ୍ୟବହାର କରୁଥିବା ଛାୟା ଫ୍ଲିଟ୍ ଜାହାଜଗୁଡ଼ିକ ଉପରେ କଟକଣା ଲଗାଇବା ପାଇଁ ଲକ୍ଷ୍ୟ ରଖିଛି । ଆମେରିକା କହିଛି ଯେ, ରୁଷ ଅଶୋଧିତ ତେଲ ବିକ୍ରୟ କରି ଯେଉଁ ଟଙ୍କା ରୋଜଗାର କରୁଛି ତାହା ୟୁକ୍ରେନ ବିରୋଧରେ ଯୁଦ୍ଧରେ ବ୍ୟବହୃତ ହେଉଛି । ଏହି ବିଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚୀନ୍ ଏବଂ ଭାରତ ସମେତ ପ୍ରମୁଖ ରୁଷୀୟ ତୈଳ କ୍ରେତାମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ପ୍ରଦାନ



କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଅଗଷ୍ଟ ୭ ତାରିଖରେ ଆମେରିକା ସିନେଟ୍ ଦ୍ୱାରା ଗୃହୀତ ଏହି ବିଲ୍‌ରେ ରୁଷର ବାଣିଜ୍ୟିକ ଅଂଶୀଦାରଙ୍କ ନାମ ନାହିଁ । ତେବେ ଏଥିରେ ପରିମାଣ ଅନୁସାରେ ବିଶ୍ୱର ୫ଟି ସର୍ବବୃହତ ତୈଳ ଏବଂ ଗ୍ୟାସ୍ କ୍ରେତାଙ୍କ ନାମ ଉଲ୍ଲେଖ ଅଛି । ଏହାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟକୁ ପଠାଇବା ପୂର୍ବରୁ ଆମେରିକାର ପ୍ରତିନିଧି ସଭା ଦ୍ୱାରା ମଧ୍ୟ ଗୃହୀତ କରିବାକୁ ପଡ଼ିବ । ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନଭେମ୍ବର ୩ ତାରିଖରେ ହେବାକୁ ଯାଉଛି । ଏହା ପୂର୍ବରୁ ପ୍ରତିନିଧି ସଭାର ସାଧାରଣ କାର୍ଯ୍ୟ କେବଳ ଚାରି ଦିନ ବାକି ଅଛି । ଏବେ ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଷ୍ଟେନି ହୋଇୟର ବିଲ୍‌ରେ ଏକ ସଂଶୋଧନ ଆଗତ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ଭାବରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିବା ଦେଶଗୁଡ଼ିକର ନାମ ଉଲ୍ଲେଖ କରିବାକୁ ଦାବି ହୋଇଛି । ଭାରତ ସମେତ ୧୦ଟି ଦେଶର ନାମ ଯୋଡିବାକୁ ଦାବି କରାଯାଇଛି । ସେସବୁ ଦେଶଗୁଡ଼ିକ ମଧ୍ୟରେ ଚୀନ୍, ଭାରତ, ତୁର୍କୀ, ଆଜରବାଇଜାନ, ହଙ୍ଗେରୀ, ସ୍ଲୋଭାକିଆ ଗଣରାଜ୍ୟ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସିଙ୍ଗାପୁର, କାଜାଖସ୍ତାନ ଏବଂ କିର୍ଗିଜସ୍ତାନ ଅଛନ୍ତି । ଏହି ବିଲ୍‌ଟି ରୁଷର ତୈଳ ଏବଂ ଗ୍ୟାସ୍ ବାଣିଜ୍ୟ ଉପରେ ଚାପ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ । ଭାରତ ରୁଷର ଅଶୋଧିତ ତୈଳର ଏକ ପ୍ରମୁଖ କ୍ରେତା । ତେଣୁ ଭାରତ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଆଶ୍ଚର୍ଯ୍ୟଜନକ କଥା ହେଉଛି, କିଛି ଡେମୋକ୍ରାଟିକ୍ ସାଂସଦ ମଧ୍ୟ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଅଧିକ ଶୁଳ୍କ ଲାଗୁ କରିବାର ଅଧିକାର ଟ୍ରମ୍ପଙ୍କୁ ଦେବାକୁ ବିରୋଧ କରୁଛନ୍ତି ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# କୁକୁଡାଖଣ୍ଡିରେ ବୋମାମାଡ଼



ବ୍ରହ୍ମପୁର,୧୫/୯(ନି/ପ୍ର): ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ସ୍ଥିତ ହରିଜନ ସାହିରେ ବୋମାମାଡ଼ ହୋଇଛି । ଏଥିରେ ଜଣେ ଜଣେ ଯୁବକ ଆହତ ହୋଇଛନ୍ତି । ସକାଳେ ସ୍ଥାନୀୟ ଅଂଚଳରେ କୋ ?ଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା । ପରେ ସନ୍ଧ୍ୟାରେ ଏକାଧିକ ବୋମା ମାଡ଼ ହୋଇଥିଲା । ବୋମା ମାଡକୁ ନେଇ ଅଚଂଳରେ ଚାପା ଉତ୍ତେଜନା ଲାଗି ରହିଛି । ପୁଲିସ ସାହିରେ ପହଚିଂ ଲୋକଙ୍କୁ ବୁଝାସୁଝା କରିଛି । ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବୋମାମାଡ଼କୁ ନେଇ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡିଛନ୍ତି । ପାର୍ବଣର ଋତୁ ଆରମ୍ଭ ହୋଇଥିବା ବେଳେ ସଦର ଥାନା ଅଂଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ପୁଲିସ ପକ୍ଷରୁ ଢିଲା ପାଟ୍ରୋଲିଂ କାରଣରୁ ଅପରାଧୀମାନେ ସକ୍ରିୟ ହୋଇ ଉଠିଥିବା ଅଭିଯୋଗ ହୋଇଛି ।

# ଗଣପର୍ବ ନୂଆଁଖାଇ ପାଇଁ ଉତ୍ସବମୁଖର ପଶ୍ଚିମ ଓଡ଼ିଶା

## ମା' ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ

ସମ୍ବଲପୁର,୧୫/୯(ନି/ପ୍ର): ପଶ୍ଚିମ ଓଡ଼ିଶାର ମହାନ କୃଷିଭିତିକ ଗଣପର୍ବ ନୂଆଖାଇ ପାଇଁ ସାରା ଅଚଂଳ ଉତ୍ସବମୁଖର । ଗାଁଠୁ ସହର, ସବୁଠି ଦେଖିବାକୁ ମିଳୁଛି ଆନନ୍ଦ ଓ ଉତ୍ସାହର ମାହୋଲ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ନିର୍ଦ୍ଧାରିତ ଲଗ୍ନ ପୂର୍ବାହ୍ନ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ଅନୁସାରେ ନବାନ୍ନ ଲାଗି ହୋଇଛି । ବର୍ଷର ପ୍ରଥମ ଅମଳ ଶସ୍ୟରୁ ପ୍ରସ୍ତୁତ ଭୋଗ ମା'ଙ୍କ ନିକଟରେ ଅର୍ପଣ କରାଯାଇଛି । ଏହାପରେ ୧୧୫ ପାର୍ଶ୍ୱ ଦେବାଦେବୀଙ୍କ ନିକଟରେ ମଧ୍ୟ ନବାନ୍ନ ଲାଗି କରାଯାଇଛି । ଏହି ଅବସରରେ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଛି । ନୂଆ ଧାନର ପ୍ରଥମ ଅର୍ଘ୍ୟ ମା'ଙ୍କୁ ଅର୍ପଣ କରି ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ଶ୍ରଦ୍ଧାଳୁ । ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଅର୍ପଣ ପରେ ପରିବାର ସହ ଏକାଠି ନୂଆ ଖାଇଛନ୍ତି ପଶ୍ଚିମ ଓଡ଼ିଶାବାସୀ । ନୂଆଖାଇ ପାଇଁ ଦୂରଦୂରାନ୍ତରେ ରହୁଥିବା ପରିବାର ସଦସ୍ୟମାନେ ଘରକୁ ଫେରିଥିବାରୁ ସବୁଠି ଦେଖିବାକୁ ମିଳୁଛି ପରିବାରର ମିଳନ ଓ ଖୁସିର ପରିବେଶ । ନୂଆ ଲୁଗା ପିନ୍ଧି ପାରମ୍ପରିକ ରୀତିନୀତିରେ ନୂଆଖାଇ ପାଳନ କରୁଛନ୍ତି ଲୋକେ । ଘରେ ଘରେ ଭଳିକି ଭଳି ପିଠାପଣାର ଆସର ଜମିଥିବା ବେଳେ ସୁସ୍ୱାଦୁ ବ୍ୟଞ୍ଜନର ମହକରେ ମହକି ଉଠୁଛି ପରିବେଶ । ଅନ୍ୟପଟେ ଘଟଂ, ଘଟାଂ ଓ ପଟଂବାଦ୍ୟରେ କମ୍ପୁଛି ଗାଁଠୁ ସହର । ବିଭିନ୍ନ ସ୍ଥାନରେ ନାଚଗୀତ ଓ ସାଂସ୍କୃତିକ ଆସର ଜମିଥିବା ବେଳେ ନୂଆଖାଇର ଉତ୍ସବୀୟ ମାହୋଲରେ ଝୁମୁଛି ସାରା ପଶ୍ଚିମ ଓଡ଼ିଶା । କୃଷିଭିତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶୁଭେଚ୍ଛା ଜଣାଇଛନ୍ତି । ନୂଆଁଖାଇ ଅବସରରେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କଲେ ରାଷ୍ଟ୍ରପତି । ନୂଆଁଖାଇ କେବଳ ପର୍ବ ନୁହେଁ ଏହା ସାମାଜିକ ଓ ପାରିବାରିକ ଆତ୍ମୀୟତାର ପ୍ରତୀକ । ଏହି ପର୍ବ ମାଧ୍ୟମରେ ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସଂପ୍ରୀତି ଆହୁରି ସୁଦୃଢ଼ ହେବ । ସେହିଭଳି ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଏହା କେବଳ ଏକ ପର୍ବ ନୁହେଁ ବରଂ ଏହା ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନର ଅନନ୍ୟ ମହାମିଳନ ନୂଆଁଖାଇ । ସମଗ୍ର ସମାଜକୁ



ଗୋଟିଏ ବନ୍ଧନରେ ବାନ୍ଧି ରଖିଥାଏ ଗଣପର୍ବ ନୂଆଁଖାଇ । କୃଷିଭିତିକ ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ନୂଆଁଖାଇ ଜୁହାର ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମା' ସମଲେଶ୍ୱରୀଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ବୋଲି ମାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ନୂଆଁଖାଇ ଆଣୁ ନୂଆଁ ଆଶା ଆର୍ ନୂଆଁ ସପନ୍ । ଏ ପବିତ୍ର ପରବ୍ ସମ୍ଭର୍ ଘରେ ଖୁସି, ମନ୍ନେ ଶାନ୍ତି ଆର୍ ଜୀବନ୍ନେ ସମୃଦ୍ଧି ଭରିଦେଉ । ଆମର୍ ମାଟି, ସଂସ୍କୃତି ଆର୍ ଭାଇଚାରାର୍ ଏ ବନ୍ଧନ୍ ସବୁବେଳେ ଅତୁଟ୍ ରହୁ । ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ନୂଆଁଖାଇ ଆଣୁ ନୂଆଁ ଆଶା ଆର ନୂଆଁ ସପନ୍ । ଏ ପବିତ୍ର ପରବ୍ ସମ୍‌କର ଘରେ ଖୁସି, ମନ୍‌ନେ ଶାନ୍ତି ଆର ଜୀବନ୍‌ନେ ସମୃଦ୍ଧି ଭରିଦେଉ । ଆମର ମାଟି, ସଂସ୍କୃତି ଆର ଭାଇଚାରାର ଏ ବନ୍ଧନ୍ ସବୁବେଳେ ଅତୁଟ୍ ରହୁ ।






## ଉଦ୍ଧାର ଓରାଙ୍ଗଉଟାନ୍‌ଙ୍କ ଭିତରୁ ଜଣଙ୍କୁ ଜ୍ୱର !



ବାଲେଶ୍ୱର,୧୫/୯: ଗତ ସେପ୍ଟେମ୍ବର ୮ ତାରିଖରେ ବାଲେଶ୍ୱର ଭୋଗରାଇ ଅଂଚଳରୁ ଉଦ୍ଧାର ୫ ଓରାଙ୍ଗଉଟାନ ଶିଶୁଙ୍କ ମଧ୍ୟରୁ ଜଣଙ୍କ ଠାରେ ଜ୍ୱର ଲକ୍ଷଣ ପରିଲକ୍ଷିତ ହୋଇଛି । ଅନ୍ୟ ୪ ଜଣ ସୁସ୍ଥ ଥିବା ବେଳେ ଜଣଙ୍କ ଦେହରେ ତାପମାତ୍ରା ବଢିଛି । ନନ୍ଦନକାନନର ପ୍ରାଣୀ ଚିକିତ୍ସକ ଦଳ ତା'ର ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି । ମାନସିକ ଉତେଜନା, ଜଳବାୟୁ ପରିବର୍ତନ ଇତ୍ୟାଦି କାରଣରୁ ଏହି ଜ୍ୱର ହୋଇଥାଇପାରେ ବୋଲି ଆଶଙ୍କା କରାଯାଉଛି । ନନ୍ଦନକାନନକୁ ଆସିବା ଦିନଠାରୁ ସେମାନଙ୍କୁ କ୍ୱାରେନଟାଇନ୍‌ରେ ରଖାଯିବା ସହ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କ କଥା ବୁଝୁଛନ୍ତି । ସେମାନଙ୍କୁ ମଶା ନ କାମୁଡିବା ପାଇଁ ସ୍ୱତନ୍ତ୍ର ମଶାରୀ ତଳେ ରଖାଯାଉଛି ।

# ହୁତି ଆକ୍ରମଣର ଦୃଢ଼ ଜବାବ ଦେବ ସାଉଦି

## ବାଲାଷ୍ଟିକ୍ ମିସାଇଲ୍ ଓ ଡ୍ରୋନ୍ ହାମଲାରେ ୧୩ ଆହତ

ରିୟାଦ/ସାନା,୧୫/୯: ୟେମେନର ଇରାନ-ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରବର ଦକ୍ଷିଣାଚଂଳକୁ ଲକ୍ଷ୍ୟ କରି କ୍ରମାଗତ ବାଲିଷ୍ଟିକ ମିସାଇଲ ଓ ଡ୍ରୋନ୍ ଆକ୍ରମଣ କରିବା ପରେ ପରିସ୍ଥିତି ଅତ୍ୟନ୍ତ ସଙ୍କଟଜନକ ହୋଇପଡ଼ିଛି । ଏହି ଆକ୍ରମଣରେ ଅନ୍ତତଃ ୧୩ ଜଣ ନାଗରିକ ଆହତ ହୋଇଥିବା ବେଳେ ସାଉଦି ଆରବ ଏହାର ଦୃଢ଼ ଜବାବ ଦେବ ବୋଲି ମଙ୍ଗଳବାର ଚେତାବନୀ ଦେଇଛି । ସାଉଦି ନେତୃତ୍ୱାଧୀନ ମେଟଂସେନା ମଧ୍ୟ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୟେମେନସ୍ଥିତ ହୁତି ଘାଟିଗୁଡ଼ିକ ଉପରେ ୫୦ରୁ ଅଧିକ ବିମାନ ଆକ୍ରମଣ କରିଛି । ଗତ ଜୁଲାଇ ମାସରୁ ୟେମେନ ଗୃହଯୁଦ୍ଧ ପୁନର୍ବାର ତେଜିବା ପରେ ହୁତି ବିଦ୍ରୋହୀମାନେ ସାଉଦି ଆରବ ବିପକ୍ଷରେ ସାମୁଦ୍ରିକ ଅବରୋଧ ଘୋଷଣା କରିବା ସହ ଲାଲ ସାଗରରେ ଜାହାଜଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ ଚଳାଇଛନ୍ତି ।



ଗତ ସପ୍ତାହରେ ବିଦ୍ରୋହୀମାନେ ୟେମେନର ଲାଲ ସାଗର ଉପକୂଳ ଏବଂ କୂଟନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ''ବାବ୍ ଅଲ୍-ମାଣ୍ଡେବ୍'' ପ୍ରଣାଳୀକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି । ଏହାସହ ବିଶ୍ୱର ପ୍ରମୁଖ ଅଶୋଧିତ ତୈଳ ରପ୍ତାନିକାରୀ ସାଉଦି ଆରବର ତୈଳ ଭିତିଭୂମି ଉପରେ ହୁତିଙ୍କ ବାରମ୍ବାର ଆକ୍ରମଣ ହେତୁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି । ଅନ୍ୟପକ୍ଷରେ, ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଉତେଜନା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି । ତେବେ ନିଜର ସର୍ତ୍ତ ପୂରଣ ନହେବା ଯାଏଁ କୌଣସି ଆଲୋଚନା ସମ୍ଭବ ନୁହେଁ ବୋଲି ଇରାନ ସୁରକ୍ଷା ମୁଖ୍ୟ ପ୍ରକାଶ କରିଛନ୍ତି । ୟେମେନରେ ହିଂସାକାଣ୍ଡ ବୃଦ୍ଧି ପାଇବା ଯୋଗୁଁ ପ୍ରାୟ ୯୪ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହୋଇଥିବା ଜାତିସଂଘ ସୂଚନା ଦେଇଛି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଆଦିବାସୀ ଅଧିକାର ଦିବସ ପାଳିତ

ମାଲକାନଗିରି,୧୫/୯(ନି/ପ୍ର): ଆଦିବାସୀ ଅଧିକାର ଦିବସ ଅବସରରେ ମାଲକାନଗିରି ଜିଲ୍ଲାର ଆଦିବାସୀଙ୍କ ଅଧିକାର, ଜମି, ଜଙ୍ଗଲ, ଶିକ୍ଷା ଓ ଜୀବିକା ସୁରକ୍ଷା ପାଇଁ ଆଜି କାଲିମେଳା ବ୍ଲକ ଓ କୋରୁକୋଣ୍ଡା ବ୍ଲକରେ ୧୨ ଦଫା ଦାବି ଉପସ୍ଥାପନ କରାଯାଇଛି। କୋରୁକୋଣ୍ଡା ବ୍ଲକରେ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଶତାଧିକ ଆଦିବାସୀ ଏକତ୍ର ହୋଇ ଏକ ବିରାଟ ରାଲିରେ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ପଂଚମ ଅନୁସୂଚୀ ଅଂଚଳରେ ଗ୍ରାମସଭାର ଅଧିକାରକୁ ସମ୍ମାନ ଦେବା ସହ ଆଦିବାସୀଙ୍କ ଜମି ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଦାବି ହୋଇଛି। ତେବେ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରୁ ଦୁର୍ଗମ ଆଦିବାସୀ ଅଂଚଳରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଉ। ଆଦିବାସୀ ଗ୍ରାମର ଜମି ନେବାକୁ ହେଲେ ଗ୍ରାମସଭାର ଅନୁମୋଦନ ନିଆଯାଉ। ନକଲି ଜାତିଗତ ପ୍ରମାଣପତ୍ର ଯାଂଚ୍ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଉ। ବେଆଇନ ଅନୁପ୍ରବେଶ ଓ ଆଦିବାସୀଙ୍କ ଜମି ଦଖଲ ଉପରେ ତଦନ୍ତ କରି ଆଇନଗତ ପଦକ୍ଷେପ ନିଆଯାଉ। ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବ୍ୟକ୍ତିଗତ ଓ ସାମୂହିକ ଜଙ୍ଗଲ ଅଧିକାର ଶୀଘ୍ର ପ୍ରଦାନ କରାଯାଉ। ବାଲି, ମାଟି, ପଥର, କେନ୍ଦୁପତ୍ର, କାଠ ଓ ବାଉଁଶର ବେଆଇନ ଚୋରାଚାଲାଣ ବନ୍ଦ କରାଯାଉ। ବିସ୍ଥାପିତଙ୍କୁ ନ୍ୟାୟସଙ୍ଗତ କ୍ଷତିପୂରଣ, ଜମି, ଘର ଓ ସ୍ଥାୟୀ ଥଇଥାନ ଦିଆଯାଉ। ଜିଲ୍ଲା ସଦର ମହକୁମାରେ ଡିଆଇଇଟି ଓ ବ୍ଲକ ସ୍ତରରେ ବିଆଇଇଟି ସ୍ଥାପନ କରାଯାଉ। ଜନଗଣନାରେ ଆଦିବାସୀଙ୍କ ପ୍ରକୃତି ପୂଜା ଓ ସ୍ୱତନ୍ତ୍ର ଧାର୍ମିକ ପରିଚୟକୁ ସମ୍ମାନ ଦିଆଯାଉ। ଆଦିବାସୀ ଅଂଚଳରେ ଗ୍ରାମସଭାର ଅନୁମୋଦନ ବିନା କୌଣସି ପ୍ରକଳ୍ପ କରାନଯାଉ। ଚାଲୁଥିବା ମେଗା ପାନୀୟଜଳ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ। ଅଣଜଳସେଚିତ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଯାଉ। ସମସ୍ତ ରାଜସ୍ୱ ଗ୍ରାମର ଘରଡିହ ପଟ୍ଟାରୁ ବଂଚିତ ଯୋଗ୍ୟ ବ୍ୟକ୍ତିଙ୍କୁ 'ବସୁଧା' ଯୋଜନାରେ ଘରଡିହ ପଟ୍ଟା ପ୍ରଦାନ କରାଯାଉ। ଆଦିବାସୀ ସମାଜର ଏହି ସମସ୍ତ ଦାବି ପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ଅଧିକାର ଦିବସରେ ଉପଦେଷ୍ଟା ଘେନୁ ମୁଦୁଲି, ଉପସଭାପତି ବଂଶୀ ମୁଦୁଲି, ସୁକଦେବ ପଡିଆମି, ମୁକୁନ୍ଦ ପଡିଆମି, ସନାତନ କାବାସି ପ୍ରମୁଖ ସାମିଲ୍ ଥିଲେ।

# ରୋଟାରୀ କ୍ଲବ ତରଫରୁ ରାଷ୍ଟ୍ର ନିର୍ମାତା ପୁରସ୍କାର ଗୁରୁପୂଜନ ଓ ମାତୃ ବନ୍ଦନା କାର୍ଯ୍ୟକ୍ରମ




ଘଟଗାଁ,୧୫/୯(ନି/ପ୍ର): ଆନନ୍ଦପୁର ପୌରରିଷଦ ଅନ୍ତର୍ଗତ ଘଷିପୁରା ସ୍ଥିତ ପିଏମଶ୍ରୀ ସରକାରୀ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟରେ ରବିବାର ଦିନ ଆନନ୍ଦପୁର ରୋଟାରୀ କ୍ଲବ ଓ ସଂପୃକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମିଳିତ ଉଦ୍ୟମରେ ଗୁରୁପୂଜନ ଓ ମାତୃ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ବିଇଓ ଉମାକାନ୍ତ ରାଉତଙ୍କ ଅଧ୍ୟକ୍ଷତା ସଭାରେ ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରା ଯାଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ ସହ ରୋଟାରୀ କ୍ଲବର ବରିଷ୍ଠ କର୍ମକର୍ତା ମାନଙ୍କ ଉଦବୋଧନ ଉପସ୍ଥିତ ଶ୍ରୋତା ମଣ୍ଡଳୀକୁ ପ୍ରଭାବିତ କରିବାରେ ସକ୍ଷମ ହୋଇ ଥିଲା । ତାଜ୍ ମହଲ ଠାରେ ଆଉଏକ ତାଜ୍ ନିର୍ମାଣର ଆବଶ୍ୟକତା ନଥିବା ତୁଳନା ଦେଇ ଭୁବନେଶ୍ୱର ଠାରେ ଉକ୍ତ କାର୍ଯ୍ୟକ୍ରମ ନହୋଇ ଆନନ୍ଦପୁର ଠାରେ ହେବାକୁ କ୍ଲବ ନିଷ୍ପତି ନେଇଥିବା ଭାଷଣ ରୁ ଜଣା ଯାଇଥିଲା। ଆନନ୍ଦପୁର ରୋଟାରୀ କ୍ଲବର ସଦସ୍ୟ ପ୍ରଫେସର ଗଙ୍ଗାଧର ମିଶ୍ର ଙ୍କ କହିବା କଥା ମହୁମାଛି ହୋଇ ସଂଚୟ କରିବାର ଦିନ ଆଉନହିଁ । ଏବେ ସମାଜ ପାଇଁ ମହମବତୀ ସଦୃଶ୍ୟ ନିଜେ ଜଳି ଅନ୍ୟକୁ ଆଲୋକିତ କରିବାର ସମୟ ଆସିଯାଇଛି। ଏହି ସଭାରେ ଅବସର ପ୍ରାପ୍ତ ଆଇଏଏସ୍ ଅନିଲ କୁମାର ସାମଲ , ଯାଜ୍ଞାସିସ ମହାପାତ୍ର , ଚେୟାର ପରସନ୍ ପ୍ରଫେସର ସୁମିତ୍ରା ମିଶ୍ର, ପ୍ରଶାନ୍ତ କୁମାର ସ୍ୱାଇଁ , ଆସିଷ୍ଟାଂଟ ଗଭର୍ଣ୍ଣର ରାଜଲକ୍ଷ୍ମୀ ସ୍ୱାଇଁ , ଶିବାଶିଷ ସୁର , ଆନନ୍ଦପୁର ରୋଟାରୀ କ୍ଲବ ସଭାପତି ବିଘ୍ନେଶ୍ୱର ବେହେରା , ଅମ୍ବିକା ବଲ୍ଲଭ ସ୍ୱାଇଁ, ମଙ୍ଗିଲାଲ ବାଲ ଦେଓ୍ୱା, ଇନ୍ଦ୍ରଜିତ ସାହୁ ପ୍ରମୁଖ ବ୍ୟକ୍ତି ଗଣ ଅତିଥି ଭାବରେ ଯୋଗଦେଇ ଥିଲେ । ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ ଓ ଅବସର ପ୍ରାପ୍ତ ଶିକ୍ଷକ ପ୍ରାଣ ବଲ୍ଲଭ ଜେନା ଓ ତାଙ୍କ ପତ୍ନୀ ପୂଜାର୍ଚ୍ଚନା କରିବା ସହିତ ୮୫ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା । ରବୀନ୍ଦ୍ର କୁମାର ଦାଶ, ଆଇନଜୀବୀ ଚିତ ରଞ୍ଜନ ଦାଶ , ରତିକାନ୍ତ ପତି , ଅବସର ପ୍ରାପ୍ତ ପ୍ରଫେସର ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଧାନ ଶିକ୍ଷକ ଡ଼. ଆଲୋକ କୁମାର ରଣା, ଅବସର ପ୍ରାପ୍ତ ବିଇଓ ଶରତ ଚନ୍ଦ୍ର ରାଉତ , ଶିକ୍ଷକ ଅଶୋକ କୁମାର ନାଥ , ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦୀକ୍ଷିତ , ବାଣୀ ସିଦ୍ଧି ପରିଡ଼ା ଓ ସଂପୃକ୍ତ ବିଦ୍ୟାଳୟର ସ୍କାଉଟ ଗାଇଡ ର ଛାତ୍ର ଛାତ୍ରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା।



କେନ୍ଦୁଝର ସହର ନିକଟସ୍ଥ ଶିରିଶପାଳ ଆଟଂଳିକ ସାଧନକେନ୍ଦ୍ରରେ ଶିକ୍ଷକଶିକ୍ଷୟତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା

# ଇଣ୍ଡିଆନ ଅଏଲ କମ୍ପାନୀର ତୈଳ ପରିବହନକାରି କର୍ମଚାରୀଙ୍କ ଧର୍ମଘଟ :

## କେନ୍ଦୁଝର ଜିଲ୍ଲାରେ ଦେଖାଦେବ ତୈଳ ସଙ୍କଟ

ଚମ୍ପୁଆ,୧୫/୯(ନି/ପ୍ର): ଗତ ଶନିବାର ଦିନ ଠାରୁ ଇଣ୍ଡିଆନ ଅଏଲ ପାରାଦୀପ ଡିପୋରୁ ସମସ୍ତ ଟ୍ୟାଙ୍କର ଡ୍ରାଇଭର ମାନେ ନିଜର ସୁରକ୍ଷା, ଜୀବନ ଓ ଜୀବିକାକୁ ନେଇ ଷ୍ଟିଅରିଙ୍ଗ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ପାରାଦୀପ ଇଣ୍ଡିଆନ ଅଏଲ ମାର୍କେଟିଙ୍ଗ ଡିଭିଜନର ଟର୍ମିନାଲ ସମ୍ମୁଖରେ ଧାରଣାରେ ବସିରହି ନିଜର ଆସନ୍ତୋଷ ବ୍ୟକ୍ତ କରିଥିବାର ଜଣାପଡିଛି । ପାରାଦୀପ ଇଣ୍ଡିଆନ ଅଏଲ ଡିପୋରୁ ଓଡିଶାର କୋଣ ଅନୁକୋଣକୁ ପେଟ୍ରୋଲ ଓ ଡିଜେଲ ନେଇ ଯାଉଥିବା ଏହି ଡ୍ରାଇଭରମାନଙ୍କୁ ଆଜି ସଂକୀର୍ଣ୍ଣ ଦୁର୍ଗମ ଅଂଚଳକୁ ପଠାଯାଉଛି । ତେଲ ଲୋଡ଼ କରିବା ପାଇଁ, ଯାହାକୁ ବିରୋଧ କରି ଇଣ୍ଡିଆନ ଅଏଲ କର୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କମ୍ପାନୀ କର୍ତୃପକ୍ଷ ତାଙ୍କ ଜିଦରେ ଅଟଳ ରହିଛନ୍ତି । ଫଳରେ ଗତ ଶନିବାର ଦିନଠାରୁ ଷ୍ଟିଅରିଙ୍ଗ ଛାଡ ଆନ୍ଦୋଳନରେ ବସିଛନ୍ତି ଇଣ୍ଡିଆନ ଅଏଲ ଡିପୋର ସମସ୍ତ ଡ୍ରାଇଭର । ଯାହାକୁ ନେଇ ଆଜି ସ୍ୱର ଉତୋଳନ କରିଛନ୍ତି ଡ୍ରାଇଭର ସମୂହ। ପାରାଦୀପ ରୁ ତୈଳ ପରିବହନ କରିବା ର ପ୍ରମୁଖ ପଥ ହେଉଛି ରାଜପଥ, ହେଲେ ଆଜି ଇଣ୍ଡିଆନ ଅଏଲ କର୍ତୃପକ୍ଷ ଡ୍ରାଇଭରମାନଙ୍କ ସହିତ ଖେଳ ଖେଳୁଛନ୍ତି । ଝାରସୁଗୁଡା ରୁ ଯୋଡ଼ା ବଡ଼ବିଲ ରାସ୍ତାରେ ଯିବା ଆସିବା ଅସମ୍ଭବ ହେଉଥିବା ବେଳେ ସେହି ସଂକିର୍ଣ୍ଣ ରାସ୍ତାରେ ଯେଉଁଠି ହାତୀ ମାନଙ୍କର ଯାଆସ ରାସ୍ତା ସେହି ରାସ୍ତାରେ ଡ୍ରାଇଭରମାନଙ୍କୁ ତେଲ ଟ୍ୟାଙ୍କର ଚଳାଇ ତେଲ ପରିବହନ କରିବାକୁ ବାଧ କରାଯାଉଛି । ସେହି ରାସ୍ତାରେ ବହୁ ସ୍ଥାନରେ ମୋବାଇଲ୍ ନେଟଓ୍ୱର୍କ ମଧ୍ୟ ରହୁନାହିଁ । ଯାହା ଫଳରେ କୌଣସି ଜରୁରୀ ଅବସ୍ଥାରେ ପେଟ୍ରୋଲପମ୍ପ ମାଲିକ କିମ୍ବା ନିଜ ପରିବାର ସହିତ କୌଣସି ଯୋଗାଯୋଗ ସମ୍ଭବ ହୋଇ ପାରୁନାହିଁ । ଯଦି ଗାଡ଼ିର କିଛି ଯାନ୍ତ୍ରିକ ତ୍ରୁଟି ହେଲେ ମରାମତି କରିବାର ସୁବିଧା ମଧ୍ୟ ନାହିଁ । ରାତି ୧୨ ଟା ପରେ କମ୍ପାନୀ ର ନିୟମ ଅନୁଯାୟୀ ଗାଡ଼ି ଚଳାଇବାକୁ ନିଷିଦ୍ଧ କରାଯାଇ ଥିବା ବେଳେ ରାତିରେ ଜଙ୍ଗଲ ମଧ୍ୟରେ ଅସୁରକ୍ଷିତ ଭାବରେ ଗାଡ଼ି ଠିଆ କରି ରହିବାକୁ ପଡ଼ିଥାଏ । ଇଣ୍ଡିଆନ ଅଏଲର ପରିବହନ ଖର୍ଚ୍ଚ ବଂଚାଇବାକୁ ନିଜ ଇଚ୍ଛା ଅନୁଯାୟୀ କେବେ ପାରାଦୀପ ରୁ ତ ଆଉ କେବେ ଝାରସୁଗୁଡ଼ା ରୁ ତୈଳ ପରିବହନ କରିବାକୁ ରିଟେଲ ଆଉଟ୍ ଲେଟ ଡିଲରମାନଙ୍କୁ ବାଧ କରାଯାଉଛି । ଝାରସୁଗୁଡ଼ା ରୁ କୋଇଡା, ଭଦ୍ରାସହି ରାସ୍ତା ବହୁତ୍ ଖରାପ ଏବଂ ଲୁହା ପଥର ନିମନ୍ତେ ନିୟୋଜିତ ଗାଡ଼ିଗୁଡ଼ିକ ବହୁ ମାତ୍ରାରେ ଚଳାଚଳ ଯୋଗୁଁ ସବୁବେଳେ ଟ୍ରାଫିକ ସମସ୍ୟା ଏବଂ ଦୁର୍ଘଟଣା ଘଟିବାର ସମ୍ଭାବନା ଅଛି । ରାସ୍ତା ଖରାପ ଏବଂ ପାରିପକ୍ଷର୍ଶିକ ଅବସ୍ଥା ଯୋଗୁଁ ତେଲ ବୋଝେଇ ଟ୍ୟାଙ୍କରଗୁଡ଼ିକ ଝାରସୁଗୁଡ଼ା ଟର୍ମିନାଲ ରୁ କେନ୍ଦୁଝର ଜିଲ୍ଲା ରେ ଅବସ୍ଥିତ ରିଟେଲ ଆଉଟ୍ ଲେଟ ତଥା ଜିଲ୍ଲା ର ପ୍ରମୁଖ ଖଣି ଅଂଚଳ ଯୋଡ଼ା ,ବଡବିଲ, ଭଦ୍ରକ୍ଷସହି ,ବାମେବାରି , ବିଲେଇପଦା ଅଂଚଳ କୁ ନିର୍ଦ୍ଧିଷ୍ଟ ସମୟରେ ପହଂଚି ପାରୁନାହିଁ । ଝାସୁଗୁଡ଼ା ରୁ କୁଚିଣ୍ଡା ର ଷାଠିଏ କିଲୋମିଟର ରାସ୍ତା ଏକ ଦୁର୍ଗମ ଅଣ ଓସାରିଆ ରାସ୍ତା, ଏହି ରାସ୍ତାରେ ତେଲ ଲୋଡ ଟ୍ୟାଙ୍କର ଗୁଡ଼ିକ ସୁରକ୍ଷିତ ଯାତାୟାତ କରିପାରିବ ନାହିଁ । ଗାଡ଼ିଗୁଡ଼ିକୁ ରାଜପଥରେ ଭାୟା ରାଉରକେଲା ଦେଇ ଚଳାଚଳ କରିବାର ସୁବିଧା ଥିଲେ ମଧ୍ୟ କମ୍ପାନୀ ଭଡ଼ା ବଂଚାଇ ବାକୁ ଯାଇ ନିରୀହ ଡ୍ରାଇଭର ମାନଙ୍କୁ ମରଣ ମୁଖରେ ପକାଇବାକୁ ନିଜ ଜିଦରେ ଅଟଳ ରହିଛି । ଏ ସମସ୍ତ ବିଷୟ କୁ ଇଣ୍ଡିଆନ ଅଏଲ କତୃପକ୍ଷଙ୍କୁ ଗତ ଶନିବାର ଡ୍ରାଇଭର ମାନଙ୍କ ଦ୍ୱାରା ଅବଗତ କରାଯାଇଥିଲା କିନ୍ତୁ ଆଇଓସିଏଲ ର ଜେନେରାଲ ମ୍ୟାନେଜର ଡ୍ରାଇଭର ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ କି ରାସ୍ତାର ବିକଳ୍ପ ବେବସ୍ଥା କରାଯିବ କିନ୍ତୁ ରାସ୍ତାର ସଠିକ୍ ଦିଗ ନିରୂପଣ ନ କରି କିଛି ଦିନ ଅନ୍ତରରେ ମନଇଚ୍ଛା କେଉଁ ପମ୍ପକୁ ପାରାଦୀପ ତ ଆଉ କେଉଁପମ୍ପ କୁ ଝାରସୁଗୁଡ଼ା ଟର୍ମିନାଲ ରୁ ତେଲ ଆଣିବାକୁ ବାଧ କରାଯାଉଛି । ଯାହାଦ୍ୱାରା ଆମର ଜୀବନ ପ୍ରତିବିପଦ ଥିବା ଦର୍ଶାଇ ଆଜିଠାରୁ କେନ୍ଦୁଝର ଅଂଚଳ ର ଡ୍ରାଇଭରମାନେ ସାମୁହିକ ଭାବରେ ଷ୍ଟିଅରିଙ୍ଗ ଛାଡି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଯେ ପର୍ଯ୍ୟନ୍ତ ଇଣ୍ଡିଆନ ଅଏଲ ତରଫରୁ ନିଜର ନିଷ୍ପତିରୁ ଓହରି ନାହାନ୍ତି ସେ ପର୍ଯ୍ୟନ୍ତ ଷ୍ଟିଅରିଙ୍ଗ ଛାଡି ଆନ୍ଦୋଳନରେ ସାମିଲ ହେବେ ବୋଲି ଡ୍ରାଇଭର ମାନେ ସାମୁହିକ ଭାବେ ଚେତାବନୀ ଦେଇଛନ୍ତି କ୍ଷ ଡ୍ରାଇଭର ମାନଙ୍କ ଆନ୍ଦୋଳନ ଯୋଗୁଁ କେନ୍ଦୁଝର ଜିଲ୍ଲାରେ ତଥା ଯୋଡ଼ା ବଡବିଲ ଖଣି ଅଂଚଳରେ ତୈଳ ସଙ୍କଟ ଦେଖା ଗଲାଣି ଯଦି ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କରନ୍ତି ତା ହେଲେ ଆଗକୁ ଇଣ୍ଡିଆନ ଅଏଲ ରିଟେଲ ଆଉଟ୍ ଲେଟ ଗୁଡିକରେ ତୈଳ ମିଳିବ ନାହିଁ, ଯାହା ଫଳରେ କଳ କାରଖାନା, ପରିବହନ ଓ ଜନ ସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବେ। ଏଥିପ୍ରତି ଓଡିଶା ସରକାର ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ତିହିଡିରେ ସ୍ଥାପିତ ହେବ କାନ୍ତକବିଙ୍କ ପ୍ରତିମୂର୍ତ୍ତି

## ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ସାଧାରଣରେ ପ୍ରଶଂସା

ଭଦ୍ରକ,୧୫/୯(ନି/ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ରାଜ୍ୟ ସରକାର ଅର୍ଥରାଶି ମଞ୍ଜୁର କରିବା ଓ ତିହିଡ଼ି ଏନ୍ଏସି ବଜାରରେ କାନ୍ତକବିଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।ତେବେ ଏହି ପ୍ରତିଶ୍ରୁତି ମିଳିବା ପରେ ମନ୍ତ୍ରୀ ସୁରଜଙ୍କୁ ସାଧାରଣରେ ପ୍ରସଂଶା କରାଯାଇଛି। ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଶିକ୍ଷା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଛରେ ଭଦ୍ରକବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ ଆତ୍ମିକ ସମ୍ପର୍କ ରହିଆସିଛି । ଆଧୁନିକ ଓଡ଼ିଆ ସାହିତ୍ୟର କର୍ଣ୍ଣଧାର ବ୍ୟାସକବି ଫକୀରମୋହନଙ୍କ ସ୍ମୃତିବହନ କରୁଥିବା ଏହି ଶିକ୍ଷାନୁଷ୍ଠାନରେ ଭଦ୍ରକ ମାଟିର ଯଶସ୍ୱୀ ସନ୍ତାନ କାନ୍ତକବିଙ୍କ ସ୍ମୃତିରକ୍ଷା ଓ ଗବେଷଣା ନିମନ୍ତେ ଏକ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା ସହ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୨୦୨୧ ମସିହାରୁ 'ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ' ପକ୍ଷରୁ କୁଳପତିଙ୍କୁ ଦାବି ଜଣାଯାଇଥିଲା । ବିଶେଷ କରି 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତର ମାନ୍ୟତା ପାଇବା ପରେ ଏହି ଦାବି ଆହୁରି ଜୋର୍ ଧରିଥିଲା । ଗତକାଲି, ଶନିବାର ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଭୁବନେଶ୍ୱର ଆବାସିକ କାର୍ଯ୍ୟାଳୟ ପରିସରରେ 'ତ୍ୟାଗଭୂମି'ର ସଭାପତି ଅଜୟ ନାୟକଙ୍କ ସମେତ କର୍ମକର୍ତାମାନେ ଏହି ପ୍ରସଙ୍ଗରେ ପୂର୍ବରୁ ଦିଆଯାଇଥିବା ଲିଖିତ ଦାବିପତ୍ର ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମନ୍ତ୍ରୀ ଏହି ପ୍ରସ୍ତାବକୁ ଉଲ୍ଲାସ ପୂର୍ବକ ସ୍ୱୀକାର କରି ଫକୀରମୋହନ ବିଶ୍ୱବିଦ୍ୟାଳୟରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅର୍ଥମଞ୍ଜୁର କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ତିହିଡ଼ି ଏନ୍ଏସି ବଜାରରେ ମଧ୍ୟ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ଏହି ନିଷ୍ପତିକୁ ଭଦ୍ରକ ତଥା ସମଗ୍ର ରାଜ୍ୟର ସାହିତ୍ୟପ୍ରେମୀ ସ୍ୱାଗତ କରିଛନ୍ତି । ବିଶେଷତଃ କାନ୍ତକବିଙ୍କ ଜନ୍ମମାଟିରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ ନିଷ୍ପତି ହେବା ପରେ ତିହିଡ଼ି ଅଚଂଳରେ ଦୀର୍ଘଦିନରୁ ଅପେକ୍ଷାରତ ସାରସ୍ୱତ ସାଧକ ଓ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି । ଏହା କେବଳ କାନ୍ତକବିଙ୍କ ପ୍ରତି ଆନୁଷ୍ଠାନିକ ଶ୍ରଦ୍ଧାଞ୍ଜଳି ହେବନାହିଁ, ବରଂ ଓଡ଼ିଆ ଭାଷା, ସାହିତ୍ୟ ଓ ଗବେଷଣାର ପରମ୍ପରାକୁ ଆଗାମୀ ପିଢ଼ି ପାଇଁ ଅଧିକ ସମୃଦ୍ଧ କରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି ।

# ସ୍ତ୍ରୀର ବେକ କାଟିଲା ସ୍ୱାମୀ :

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବାରିପଦା,୧୫/୯(ନି/ପ୍ର):ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଗଡିହା ଛକ ନିକଟରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ସ୍ୱାମୀ ନିଜ ସ୍ତ୍ରୀର ବେକକୁ ଏକ ଧାରୁଆ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି, ଶୁଳିଆପଦା ଥାନା ଅନ୍ତର୍ଗତ ଗଉଡ଼ୁଣୀଡୁବା ଗ୍ରାମର କଟିଆ ନାଏକ(୪୫) ଓ ତାଙ୍କ ସ୍ତ୍ରୀ ସୁକାନ୍ତି ନାଏକ ବାଗଡିହା ଛକ ନିକଟରେ ବସି କଥାବାର୍ତା ହେଉଥିଲେ । କୌଣସି କାରଣକୁ ନେଇ ହଠାତ୍ କଟିଆ ଉତକ୍ଷିପ୍ତ ହୋଇ ଲୁଚାଇ ରଖିଥିବା ଏକ ଧାରୁଆ ଛୁରୀ ବାହାର କରି ସେଥିରେ ସ୍ତ୍ରୀ ସୁକାନ୍ତିର ବେକକୁ କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁକାନ୍ତି ପ୍ରାଣ ବିକଳରେ ଚିତ୍କାର କରି ସ୍ଥାନୀୟ ଲୋକଙ୍କ ନିକଟକୁ ଦୌଡ଼ି ଆସି ଜୀବନ ବଂଚାଇବାକୁ ନେହୁରା ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ତୁରନ୍ତ ତାଙ୍କ ବେକରେ ଚାଦର ବାନ୍ଧି ରକ୍ତସ୍ରାବ ରୋକିବା ନିମନ୍ତେ ପ୍ରୟାସ କରିଥିଲେ ଏବଂ ଗୁରୁତର ଅବସ୍ଥାରେ ସୁକାନ୍ତିକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ ।

# ଗଣେଶ ପୂଜାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା :

## ଚାଲିଗଲା ୧ ଜୀବନ, ଜଣେ ଗୁରୁତର



କାଲିମେଳା,୧୫/୯(ନି/ପ୍ର): ଗଣେଶ ପୂଜାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର। ଏପରି ଏକ ଘଟଣା ଘଟିଯାଇଛି କାଲିମେଳା ଥାନା ଠାରୁ ମାତ୍ର ୪ କିମି ଦୂର ୩୨୬ ଜାତୀୟ ରାଜପଥର ତେଲେରାଇ ଗ୍ରାମ ଛକ ବୁଲାଣିରେ। ଆନ୍ଧ୍ର ପଟୁ ଏକ ପୁରୁଣା ପୋଡ଼ା ମୋବିଲ ବୋଝେଇ ଅଟୋ କାଲିମେଳା ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ଜଣେ ୧୭ ବର୍ଷର ଯୁବକର ମୁଣ୍ଡରୁ ଦହି ବାହାରି ଖଣ୍ଡେ ଦୂରରେ ପଡିଥିଲା। ଅନ୍ୟ ଜଣେ ଯୁବକର ଗୋଟିଏ ଗୋଡ଼ ୨ଖଣ୍ଡ ହୋଇଯାଇଥିବାର ଦେଖିବାକୁ ମିଳିଥିଲା। ଖବର ପାଇ କାଲିମେଳା ପୁଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହିତ ଆହତ ଯୁବକକୁ ମାଲକାନଗିରି ପଠାଇବାର ବ୍ୟବସ୍ଥା କରିଥିଲା। ଅନ୍ୟ ପଟେ ଅଟୋ ଚାଳକକୁ ପୁଲିସ ଥାନାରେ ଅଟକ ରଖିଥିଛି। ମୃତକ ଓ ଗୁରୁତର ଯୁବକଙ୍କ ଘର ପଡିଆ ଥାନା ଅନ୍ତର୍ଗତ ଏମପିଭି ୬୬ ଗ୍ରାମରେ ବୋଲି ଜଣା ପଡିଛି।

# ଅର୍ଥଙ୍ଗା ଡିଭିଜନର ଆଖୁଚାଷୀମାନଙ୍କୁ ନେଇ ଜରୁରୀ ବୈଠକ

ଧର୍ମଶାଳା,୧୫/୯(ନି/ପ୍ର): ଯାଜପୁର ବ୍ଲକ ଶଙ୍ଖମଠ ପରିସରରେ ଅର୍ଥଙ୍ଗା ଡିଭିଜନ ଆଇପିଏଲ ଅଧିନସ୍ଥ ସମସ୍ତ ଆଖୁଚାଷୀମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ଚାଷୀ ଅମୀୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ବୈଠକରେ ସ୍ଥାନୀୟ ଅଂଚଳର ଶହଶହ ଆଖୁ ଚାଷୀ ଏକତ୍ର ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଇପିଏଲ କମ୍ପାନୀ ଓ ଓଡିଶା ସରକାରଙ୍କ ମିଳିଭଗତରେ ଆଖୁଚାଷୀଙ୍କୁ ଅଣଦେଖା କରୁଥିବା ବେଳେ ବାରମ୍ବାର ଦାବି କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବାରୁ ଚାଷୀମାନେ ଏହି ବୈଠକରେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ଆଖଚାଷୀମାନଙ୍କ ପାଇଁ ଆଖୁ ଯୋଗାଣ ପ୍ରୋତ୍ସାହନ ରାଶି ପ୍ରଦାନ କରିବା,ବର୍ତମାନ ଆଖୁଚାଷ କରିବାକୁ ହେଲେ ସାର,ମଞ୍ଜି,ଚାଷ,ଶ୍ରମିକ,ବିଦ୍ୟୁତ୍ ଖର୍ଚ୍ଚ ବହୁଗୁଣ ବୃଦ୍ଧି ପାଇଛି,ଏହି ଚାଷ ଲମ୍ବା ସମୟର ଫସଲ ଓ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଯାହା ହେଉଛି ଆୟ ତୁଳନାରେ ବ୍ୟୟ ଯଥେଷ୍ଟ ଅଧିକ,ପରିବହନ ସମୟରେ ଟୋଲ ଗେଟ୍ ମୁକ୍ତ,ଆଖୁଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ନ କରିବା,ଓଡିଶା ସରକାରଙ୍କ ପକ୍ଷରୁ ଇନପୁଟ୍ ସବ୍ସିଡ ପ୍ରଦାନ ନ କରିବା,ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ଆଖୁଗାଡିକୁ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରି ଆଖୁ ବୋଝେଇ ଟ୍ରକଗାଡିକୁ ରାସ୍ତାରେ ବହୁ ସମୟ ଧରି ଛିଡା କରାଇ ଯାଂଚ କରିବା, ଓ ବନ୍ୟ ଜନ୍ତୁ,ଘୁଷୁରୀ, ବାରାହା ଓ ବୁଲା ଷଣ୍ଢଙ୍କ ବାଉରୁ ମୁକ୍ତି ପାଇଁ ସୁବ୍ୟବସ୍ଥା କରିବା,ସରକାର ଧାନଚାଷୀଙ୍କୁ ପ୍ରୋତ୍ସାହନ ଦେବା ସହ ଚାଷୀମାନଙ୍କୁ ଡିବିଟି ମାଧ୍ୟମରେ ସିଧାସଳଖ ଚାଷୀମାନଙ୍କ ଖାତାକୁ ରାଶି ପ୍ରଦାନ କରୁଛନ୍ତି ସେହିପରି ଆଖୁଜାଷୀମାନଙ୍କୁ ରାଶି ପ୍ରଦାନ କରିବା,ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଆଖୁଚଷୀମାନଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରିବା,ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର ଆଖୁ ଟନ୍ର ମୂଲ୍ୟ୍ ବହୁ କମ୍, କମ୍ପାନୀ ପରିବହନ ବାବଦକୁ ଟନ୍ ପିଛା ୨୩୦ ଟଙ୍କା କାଟିବା ଓ ଠିକ୍ ସମୟ ଆଖୁ କଟା ନିର୍ଦ୍ଦେଶ ନ ଦେବା ଆଦି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି ସମସ୍ତ ସମସ୍ୟାକୁ ନେଇ ଆଖୁଚାଷୀମାନେ ଯାଜପୁର ଜିଲାପାଳ ଓ କୃଷିମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ଦାବିପତ୍ର ପ୍ରଦାନ କରାଯିବ । କୌଣସି ସୁଫଳ ନ ମିଳିଲେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ନିସ୍ପତି ନିଆ ଯାଇଛି । ଏହି ବୈଠକରେ ସକ୍ରୀୟ ସଦସ୍ୟ ବୃନ୍ଦାବନ ମହାଳିକ,ବିଶ୍ୱଭୂଷଣ ନାୟକ,ଶରତ ସାମଲ,ମାନସ ସାମଲ,ଅରୁଣ କୁମାର ,ସେକ୍ ତଫିରୁଦ୍ଦିନ,ଅନିରୁଦ୍ଧ ପାଢୀ,ଅନନ୍ତ କୁମାର ରାଉତ ଓ ଜଳଧର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବିଧବା ଭତା ଆଶାରେ ୨ ମା'

## ବାରମ୍ବାର ଆବେଦନ ସତ୍ତ୍ୱେ ମିଳୁନି ସରକାରୀ ସୁବିଧା, ୫ରୁ ୬ ବର୍ଷ ହେଲା ଅପେକ୍ଷା



ରାଇଘର,୧୫/୯(ନି/ପ୍ର): ସରକାରଙ୍କ ପକ୍ଷରୁ ଗରିବ, ଅସହାୟ ଓ ବିଧବା ମହିଳାମାନଙ୍କ ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ରହିଛି। ହେଲେ ଏହାର ସୁଫଳ ପାଇବାରୁ ବଚିଂତ ହୋଇଥିବା ଅଭିଯୋଗ ହୋଇଛି।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର କୁରାବେଡା ପଚାଂୟତ ଅଧୀନରେ ଥିବା କଳିଆପାଦର ଗ୍ରାମର ୨ ଜଣ ବିଧବା ମହିଳାଙ୍କ। ସୂଚନା ଅନୁଯାୟୀ, କଳିଆପାଦର ଗ୍ରାମର ଭାନୁମତି ହରିଜନ (୫୪), ଉର୍ମିଳା ହରିଜନ (୫୨) ବିଧବା ଭତା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରୀ ସୁବିଧା ପାଇନଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ୫ରୁ ୬ ବର୍ଷ ଧରି ସେମାନେ ଭତା ପାଇବା ଆଶାରେ ଅପେକ୍ଷା କରିଥିବା କହିଛନ୍ତି। ସରକାରୀ ଯୋଜନାର ଲାଭ ପାଇବା ପାଇଁ ବାରମ୍ବାର ଆବେଦନ କରିବା ସତ୍ତ୍ୱେ କାହିଁକି ସେମାନଙ୍କୁ ବିଧବା ଭତା ମିଳୁନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଗରିବ ଓ ଅସହାୟ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ସେମାନେ କେବେ ସୁଫଳ ପାଇବେ, ତାହା ନେଇ ଅପେକ୍ଷାରେ ରହିଛନ୍ତି ଏହି ୨ ଜଣ ମା'। ଏନେଇ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଘଟଣାର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ବିଧବା ଭତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିବିଧା

## ଆଠ ମାସ ପାଣିରେ ବୁଡ଼ି ରହେ ମନ୍ଦିର

ଭାରତର କୋଣ ଅନୁକୋଣରେ ଅନେକ ମନ୍ଦିର ଅଛି। କିଛି ମନ୍ଦିର ତା'ର ଓ ସ୍ଥାପତ୍ୟ ଓ କଳାକୃତି ପାଇଁ ଜଣାଯାଉଥିବାବେଳେ ଆଉ କିଛି ତା'ର ରହସ୍ୟମୟ ଇତିହାସ ପାଇଁ ଚର୍ଚ୍ଚିତ । ଏହିକ୍ରମରେ ହିମାଚଳ ପ୍ରଦେଶରେ ଥିବା ବାଥୁ କି ଲଡ଼ି ଶୈବପୀଠ ବର୍ଷକୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଥାଏ । କେବଳ ଚାରି ମାସ ଶ୍ରଦ୍ଧାଳୁ ଭଗବାନଙ୍କୁ ଦର୍ଶନ କରିପାରନ୍ତି। ବାଥୁକି ଲଡ଼ି ମନ୍ଦିର ପଞ୍ଜାବର ଜଳନ୍ଧରଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ମହାରାଣା ପ୍ରତାପ ସାଗର ହ୍ରଦର ଏକ ଟାପୁରେ ରହିଛି। ଏଠାରେ ମୁଖ୍ୟ ମନ୍ଦିର ବ୍ୟତୀତ ଆହୁରି ପାଞ୍ଚୋଟି ଛୋଟ ମନ୍ଦିର ଅଛି, ଯାହାକୁ ଦୂରରୁ ଦେଖିଲେ ଏକ ମାଳାରେ ଗୁନ୍ଥା ହୋଇଥିବା ପରି ମନେହୁଏ, ତେଣୁ ଏହି ମନ୍ଦିରକୁ ବାଥୁ କି ଲଡ଼ି (ମାଳା) କୁହାଯାଏ। ଏହି ମନ୍ଦିରର ସମ୍ପର୍କ ମହାଭାରତ କାଳରୁ ଥିବା କଥା ସ୍ଥାନୀୟ ଲୋକେ କୁହନ୍ତି। ସେହିଭଳି ଆଉ କିଛି ଲୋକ ସ୍ଥାନୀୟ ଅଞ୍ଚଳର ରାଜା ଏହାକୁ ନିର୍ମାଣ କରିଥିବା କଥା କୁହନ୍ତି । ଏହି ମନ୍ଦିର ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରୁହେ। ଏଠାରେ ଥିବା ଛଅଟି ମନ୍ଦିରରୁ ପାଞ୍ଚୋଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ହୋଇଥିବାବେଳେ ଗର୍ଭଗୃହରେ ଭଗବାନ ଶିବ ବିରାଜିତ। ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଲୋକେ ଡଙ୍ଗାରେ ଯାଇଥାନ୍ତି। ଅନ୍ୟପଟେ ବାଥୁ ନାମକ ଶକ୍ତିଶାଳୀ ପଥରରୁ ଏହି ମନ୍ଦିର ନିର୍ମାଣ କରାଯାଇଥିବାରୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଲେ ବି ଏହାର ସଂରଚନାରେ କୌଣସି ପରିବର୍ତ୍ତନ ଆସେ ନାହିଁ ବୋଲି କୁହାଯାଏ ।



## ବିରିୟାନି ଖାଇବା ପରେ କୋଲ୍ଡ୍ରିଙ୍କ୍ସ ପିଉଛନ୍ତି କି?

## ଡାକି ଆଣିବ ଅନେକ ରୋଗ



ଅନେକ ସମୟରୁ ଆମ ମନରେ ଏହି ଧାରଣା ରହିଆସିଛି ଯେ ଖାଇବା ପରେ ମୃଦୁପାନୀୟ ସେବନ କଲେ ଖାଦ୍ୟ ସହଜରେ ହଜମ ହୋଇଯାଏ । କିନ୍ତୁ ବିଶେଷଜ୍ଞ ଏହାର ଓଲଟା କୁହନ୍ତି ଅର୍ଥାତ ଖାଇବା ପରେ କୋଲ୍ଡ ଡ୍ରିଙ୍କ୍ସ ଆଦୌ ପିଇବା ଉଚିତ୍ ନୁହେଁ ।

ପ୍ରାୟତଃ ଅନେକ ଲୋକଙ୍କୁ ଚିକେନ୍ ବିରିୟାନୀ ଖାଇବା ଭାରି ପସନ୍ଦ । ଆମିଷ ବାର ପଡ଼ିଗଲେ ଖାଇବାଟା ଜମିଲା । ନନଭେଜ୍ , ଭେଜ୍ ବିରିୟାନୀ ଏମିତି ଅଲଗା ଭେରାଇଟିର ବିରିୟାନୀ ଖାଇବା ପରେ ଅନେକ ଲୋକ ହଜମ କରିବା ପାଇଁ କାର୍ବୋନେଟେଡ୍ ସଫ୍ଟ ଡ୍ରିଙ୍କ୍ ପିଇବାକୁ ପସନ୍ଦ କରିଥା'ନ୍ତି। ଅନେକ ସମୟରୁ ଆମ ମନରେ ଏହି ଧାରଣା ରହିଆସିଛି ଯେ ଖାଇବା ପରେ ମୃଦୁପାନୀୟ ସେବନ କଲେ ଖାଦ୍ୟ ସହଜରେ ହଜମ ହୋଇଯାଏ । କିନ୍ତୁ ବିଶେଷଜ୍ଞ ଏହାର ଓଲଟା କୁହନ୍ତି ଅର୍ଥାତ ଖାଇବା ପରେ କୋଲ୍ଡ ଡ୍ରିଙ୍କ୍ ଆଦୌ ପିଇବା ଉଚିତ ନୁହେଁ। ଏମିତିକି ଖାଇବାର ତୁରନ୍ତ ପରେ ପାଣି ମଧ୍ୟ ପିଇବା ଠିକ୍ ନୁହେଁ ବୋଲି କୁହନ୍ତି ବିଶେଷଜ୍ଞ । ଯଦି ପେଟ ଭାରି ଭାରି ଲାଗୁଛି ତା'ହେଲେ ଖାଇବାର କିଛି ସମୟ ବ୍ୟବଧାନରେ ପାଣି ପିଇପାରିବେ ।

■ କୋଲ୍ଡ ଡ୍ରିଙ୍କ୍ସରେ ଅଧିକ ପରିମାଣର କାର୍ବନ ଡାଇଅକ୍ସାଇଡ୍ ଏବଂ ଚିନି ଥାଏ । ଅଳେଇଚ, ଲବଙ୍ଗ ଏବଂ ଡାଲଚିନି ପରି ମସଲା ହେତୁ ବିରିୟାନୀ ମଧ୍ୟ ଅମ୍ଲୀୟ ହୋଇଥାଏ। କୌଣସି ନିର୍ଦ୍ଦିଷ୍ଟ ବ୍ୟବଧାନ ବିନା ଏହି ଦୁଇଟିକୁ ସେବନ କରିବା ଦ୍ୱାରା ଶରୀରରେ ଅମ୍ଳୀୟତା ସ୍ତର ବଢ଼ିପାରେ । ବିଶେଷଜ୍ଞମାନେ ଅଧିକ ଚିନି ଥିବା ଭାରୀ ଖାଦ୍ୟ ସେବନ କରିବା ସମୟରେ କୋଲ୍ଡ ଡ୍ରିଙ୍କ୍ସରୁ ଦୂରେଇ ରହିବାକୁ ପରାମର୍ଶ ଦିଅନ୍ତି । କାର୍ବୋନେଟେଡ୍ ପାନୀୟଗୁଡ଼ିକ ପେଟ ଫୁଲିବା ଏବଂ ହଜମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରନ୍ତି । ଏହା ପରିବର୍ତ୍ତେ ବିରିୟାନୀ ଖାଇବାର ଏକ ଘଣ୍ଟା ପରେ ଅଣ-କାର୍ବୋନେଟେଡ୍ ପାନୀୟ ସେବନ କରିବାକୁ ପରାମର୍ଶ ଦିଆଯାଏ ।

■ ତେବେ ବିରିୟାନୀ ଖାଇବା ପରେ କେଉଁ ପାନୀୟ ପିଇବା ଦେହ ପାଇଁ ଭଲ ଆସନ୍ତୁ ଜାଣିବା। ସ୍ୱାଦିଷ୍ଟ ବିରିୟାନୀ ଖାଇବା ପରେ ଆପଣ ଦହିଘୋଳ ପିଇ ପାରିବେ । ଲହୁଣୀ,ପାଣି, ଅଦା, କଞ୍ଚା ଲଙ୍କା ଏବଂ ଭୃସୁଙ୍ଗା ପତ୍ରର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଚହ୍ଲା ପିଇପାରିବେ ।

■ ଭାରତରେ ଏହି ପାରମ୍ପରିକ ପାନୀୟର ପ୍ରଚଳନ ଅନେକ ବର୍ଷରୁ ହୋଇଆସୁଛି । ଚହ୍ଲା ଖାଦ୍ୟକୁ ତୁରନ୍ତ ହଜମ କରାଇଥାଏ । ଠିକ୍ ସେହିପରି ଆପଣ ପୁଦିନା ଲେମ୍ବୁ ପାଣି ମଧ୍ୟ ବିରିୟାନୀ ଖାଇବା ପରେ ପିଇପାରିବେ ।

■ ଲେମ୍ବୁ, ପୁଦିନା ପତ୍ର, ଚିନି ଏବଂ ପାଣି ମିଶାଇ ତିଆରି ହୋଇଥିବା ଏହି ପାନୀୟ ସତେଜ ଏବଂ ପୁଦିନା ପରି ସ୍ୱାଦିଷ୍ଟ ହୋଇଥାଏ ଯାହା ପେଟ ସଫା କରିବାରେ ସାହାଯ୍ୟ କରେ । ବିରିୟାନୀ ଖାଇବା ପରେ କୋଲ୍ଡ୍ରିଙ୍କ୍ ବଦଳରେ ଆପଣ ଫଳରସ ପିଇପାରିବେ ।

■ ଆମ୍ବ, ପିଜୁଳି ଏବଂ ଡାଳିମ୍ବ ପରି ସତେଜ ଫଳର ଜୁସ୍ ସହଜରେ ହଜମ ହେବା ସହ ଦେହ ପାଇଁ ମଧ୍ୟ ସ୍ୱାସ୍ଥ୍ୟକର ବୋଲି କୁହାଯାଏ । ଏହି ଫଳରସ ଭିଟାମିନ୍, ଖଣିଜ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ସତେଜ ଡୋଜ୍ ପ୍ରଦାନ କରେ । ସତେଜ ଫଳ ରସ ଜୁସ୍ ଦୋକାନ, କାଫେ ଏବଂ ରେଷ୍ଟୁରାଣ୍ଟରେ ସହଜରେ ମିଳିଥାଏ ।



## 'ସିୟା ରାମ' ପୋଷ୍ଟର ରିଲିଜ୍

ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ବହୁ ପ୍ରତୀକ୍ଷିତ ପୌରାଣିକ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିବାରେ ଲାଗିଛି। ଚଳଚ୍ଚିତ୍ରର ପ୍ରଥମ ଗୀତ 'ଜୟ ଜୟ ରାମ' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଥିବାବେଳେ, ଏହା ପୂର୍ବରୁ ନିର୍ମାତାମାନେ 'ସିୟା ରାମ' ପୋଷ୍ଟର ଉନ୍ମୋଚନ କରିଛନ୍ତି। ଗଣେଶ ଚତୁର୍ଥୀ ଅବସରରେ ସେପ୍ଟେମ୍ବର ୧୪ ତାରିଖ ସକାଳ ୭ଟା ୩୦ ମିନିଟ୍‌ରେ 'ସିୟା ରାମ' ପୋଷ୍ଟର ଉନ୍ମୋଚନ ସହ ଚଳଚ୍ଚିତ୍ରର ସଙ୍ଗୀତ ଅଭିଯାନର ଶୁଭାରମ୍ଭ କରାଯାଇଛି। ନିର୍ମାତାମାନଙ୍କ ମତରେ, ଭଗବାନ ଗଣେଶଙ୍କ ଆଶୀର୍ବାଦ ସହ ଚଳଚ୍ଚିତ୍ରର ସଙ୍ଗୀତ ଯାତ୍ରା ଆରମ୍ଭ କରିବା ଏକ ଶୁଭ ସଙ୍କେତ। 'ସିୟା ରାମ'ର ମୋସନ୍ ପୋଷ୍ଟରର ପୃଷ୍ଠଭୂମି ସଙ୍ଗୀତ ମଧ୍ୟ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି। ଏହା ପରେ ଚଳଚ୍ଚିତ୍ରର ପ୍ରଥମ ଗୀତ 'ଜୟ ଜୟ ରାମ'କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଆଶା ଓ ଉତ୍ସାହ ଆହୁରି ବଢ଼ିଛି। 'ରାମାୟଣ'ର ପ୍ରଥମ ଗୀତ 'ଜୟ ଜୟ ରାମ'କୁ ଏ.ଆର୍ ରେହମନ୍ କମ୍ପୋଜ କରିଥିବାବେଳେ ଗୀତ ରଚନା କରିଛନ୍ତି ଡକ୍ଟର କୁମାର ବିଶ୍ୱାସ। ଏହି ଗୀତରେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟକ ଅରିଜିତ୍ ସିଂହ ଓ ଶ୍ରେୟା ଘୋଷାଲ। ଜୟ ଜୟ ରାମ' ଗୀତ ମାଧ୍ୟମରେ 'ରାମାୟଣ'ର ସଙ୍ଗୀତ ଅଭିଯାନ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଚଳଚ୍ଚିତ୍ରର ପ୍ରଚାର ଅଭିଯାନରେ ସଙ୍ଗୀତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି।

'ସିୟା ରାମ' ପୋଷ୍ଟର ଓ ପ୍ରଥମ ଗୀତର ମୁକ୍ତି ସମ୍ପର୍କରେ ନିର୍ମାତାମାନେ ସୋସିଆଲ୍ ମିଡିଆରେ ଘୋଷଣା କରିଥିଲେ। ଏହି ଅବସରରେ ସେମାନେ ଲେଖିଥିଲେ, "ପ୍ରତ୍ୟେକ ଶୁଭ ଆରମ୍ଭ ଏକ ପ୍ରାର୍ଥନା ସହିତ ହୋଇଥାଏ।



## ଆଲିଆ ଭଟ୍ଟଙ୍କ 'ଡୋଣ୍ଟ ବି ସାଇ'ର ଟ୍ରେଲର୍ ରିଲିଜ୍

ଆମାଜନ୍ ପ୍ରାଇମ୍ ଭିଡିଓ ଏହାର ନୂଆ ରୋମାଣ୍ଟିକ୍ କମେଡି ଫିଲ୍ମ 'ଡୋଣ୍ଟ ବି ସାଇ'ର ଟ୍ରେଲର୍ ରିଲିଜ୍ କରିଛି । ଏହାକୁ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ତାଙ୍କ ଭଉଣୀ ଶାହୀନ୍ ଭଟ୍ଟଙ୍କ ଦ୍ୱାରା 'ଇଟର୍ନାଲ୍ ସନ୍‌ସାଇନ୍ ପ୍ରଡକ୍ସନ୍' ବ୍ୟାନରରେ ନିର୍ମିତ । ଶ୍ରୀତି ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର କାହାଣୀ ବନ୍ଧୁତା, ପ୍ରେମ ଏବଂ ଜୀବନର କଠିନ ନିଷ୍ପତ୍ତିକୁ ନେଇ ଆଧାରିତ । ଦର୍ଶକମାନେ 'ଡୋଣ୍ଟ ବି ଶାଇ'ରେ ୪ ଜଣଙ୍କ ନୂଆ ମୁହଁକୁ [redacted] ଫିଲ୍ମରେ ଆରୁଷି ବଜାଜ୍, ପୀୟୁଷ ଖାତି, ବିଆଙ୍କା [redacted] ଲିଡ୍ ରୋଲ୍‌ରେ ଦେଖିବାକୁ ପାଇବେ ଦର୍ଶକ । [redacted] ଗ୍ରାଣ୍ଡ ଇଭେଣ୍ଟରେ ଫିଲ୍ମର ଦମଦାର ଟ୍ରେଲର୍ ରିଲିଜ୍ [redacted] ଫିଲ୍ମର ଷ୍ଟାରକାଷ୍ଟ ସହ ଆଲିଆ ଭଟ୍ଟ ଏବଂ ଶାହୀନ୍ [redacted] ମିନିଟ୍ ୩୨ ସେକେଣ୍ଡର 'ଡୋଣ୍ଟ ବି ସାଇ'ଟ୍ରେଲର୍ ଆରୁଷି ବଜାଜଙ୍କ ଚରିତ୍ର ଶ୍ୟାମଳୀ ଓରଫ୍ 'ସାଇ'କୁ ନେଇ ଚାରିପାଖରେ ଘୂରି ବୁଲୁଛି । 'ଶାଇ' ବିଶ୍ୱାସ କରନ୍ତି ଯେ, ତାକୁ ନିଜ ଜୀବନର ଦିଗ ବିଷୟରେ ଭଲ ଭାବେ ଜଣାଅଛି ଏବଂ ସେ ନିଜ ଭବିଷ୍ୟତ ପାଇଁ ସବୁକିଛି ଭାବିଚିନ୍ତି ଯୋଜନା କରି ରଖିଛି । କିନ୍ତୁ ଯେତେବେଳେ ସମ୍ପର୍କ ଏବଂ ପୁରୁଣା ବନ୍ଧୁତା ପୁଣିଥରେ ତାଙ୍କ ଜୀବନକୁ ଫେରିଆସେ, ସେତେବେଳେ ତାଙ୍କର ସମସ୍ତ ଯୋଜନା ବିଗିଡ଼ିବାକୁ ଲାଗେ । ଆରୁଷି ବଜାଜ୍ ଶ୍ୟାମଳୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି, ଯାହାଙ୍କ ଜୀବନ ଧୀରେ ଧୀରେ ତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଏ । ଗୋଟିଏ ପଟେ ଅଛନ୍ତି ମୟଙ୍କ, ଯାହାଙ୍କ ଚରିତ୍ରରେ ପୀୟୁଷ ଖାତି ଅଭିନୟ କରିଛନ୍ତି, ଯିଏ ଧନୀ ଏବଂ ଲୋକପ୍ରିୟ। ଅନ୍ୟପଟେ ଅଛନ୍ତି ଧ୍ରୁବ, ଯାହାଙ୍କ ଚରିତ୍ରରେ ଅଂଶ ଦୁଗ୍ଗଲ୍ ଅଭିନୟ କରିଛନ୍ତି । ଧ୍ରୁବ ହେଉଛନ୍ତି 'ସାଇ'ଙ୍କ ପିଲାଦିନର ବନ୍ଧୁ, କିନ୍ତୁ ବର୍ତ୍ତମାନ ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା କରନ୍ତି ନାହିଁ । କଲେଜରେ ବିଆଙ୍କା ଆରୋରାଙ୍କ ଚରିତ୍ର 'ତାରା'ର ଏଣ୍ଟ୍ରି ପରେ ପରିସ୍ଥିତି ଆହୁରି ଜଟିଳ କରିଥାଏ । ସମ୍ପର୍କରେ ଦ୍ୱନ୍ଦ୍ୱ ବଢ଼ିବା ସହିତ 'ସାଇ'ନିଜ ଜୀବନକୁ ପୁଣିଥରେ ସେହି ରାସ୍ତାକୁ ଆଣିବାକୁ ଚେଷ୍ଟା କରେ, ଯାହା ସେ ନିଜ ପାଇଁ ଭାବି ରଖିଥିଲା ।



## ଦ୍ୱିତୀୟ ଥର ମାଆ ହେବେ ମାହିରା

ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନଙ୍କ ଘରେ ପୁଣି ଆସିଛି ଖୁସି । ୪୧ ବର୍ଷ ବୟସରେ ସେ ଦ୍ୱିତୀୟ ଥର ମାଆ ହେବାକୁ ଯାଉଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ଏହି ଖୁସି ଖବର ଘୋଷଣା କରିଛନ୍ତି । ମାହିରା ଏକ ଧଳା ମାଟର୍ନିଟି ଗାଉନ୍‌ରେ ବେବି ବମ୍ପ ସହ ଫଟୋ ସେୟାର କରିଛନ୍ତି । ଫଟୋ ସହ ସେ ଲେଖିଛନ୍ତି, ଆମେ ଆମ ଜୀବନ ପାଇଁ ଅନେକ ଯୋଜନା କରୁ, କିନ୍ତୁ ଶେଷରେ ଆଲ୍ଲାହଙ୍କ ଯୋଜନା ହିଁ ସବୁଠୁ ଉପରେ ଥାଏ । ମାହିରା ଖାନ୍ ଟୋରଣ୍ଟୋ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ମଧ୍ୟ ବେବି ବମ୍ପ ସହ ରେଡ୍ କାର୍ପେଟ୍ ରେ ନଜର ଆସିଥିଲେ । ଏହି ସମୟରେ ସାଢ଼ି ପିନ୍ଧିଥିବା ତାଙ୍କ ଲୁକ୍‌କୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ନିଜ ଦ୍ୱିତୀୟ ଗର୍ଭଧାରଣ ବିଷୟରେ ମାହିରା କହିଛନ୍ତି ଯେ, ଏଥର ଅନୁଭୂତି ସମ୍ପୂର୍ଣ୍ଣ ଭିନ୍ନ ଏବଂ ଅଧିକ କଷ୍ଟକର। ପ୍ରଥମ ଥର ଯେତେବେଳେ ସେ ଗର୍ଭବତୀ ହୋଇଥିଲେ, ସେତେବେଳେ ତାଙ୍କ ବୟସ ୨୪ ବର୍ଷ ଥିଲା । ସେତେବେଳେ ସେ ନିର୍ବିକାର ଭାବେ ଏହି ଅନୁଭୂତିକୁ ଗ୍ରହଣ କରିଥିଲେ । କିନ୍ତୁ ଏଥର ତାଙ୍କ ଶରୀରରେ ଅନେକ ଅସୁବିଧା ହେଉଥିବା ସେ କହିଛନ୍ତି । ତାଙ୍କ ଅନୁସାରେ, ଅନେକ ଦିନ ଏପରି ଯାଉଛି ଯେତେବେଳେ ତାଙ୍କ ଶରୀର ତାଙ୍କ ମନର ଇଚ୍ଛା ଅନୁସାରେ କାମ କରିବାକୁ ଅନୁମତି ଦେଉନାହିଁ । ମାହିରାଙ୍କ ପ୍ରଥମ ବିବାହ ଅଭିନେତା ଅଲି ଅସ୍କରୀଙ୍କ ସହ ୨୦୦୭ରେ ହୋଇଥିଲା ଏବଂ ୨୦୧୫ରେ ଏହି ବିବାହ ଶେଷ ହୋଇଥିଲା । ଏହି ବିବାହରୁ ତାଙ୍କର ଏକ ପୁଅ ଅଛନ୍ତି, ଯାହାଙ୍କ ନା ଆଜଲାନ୍ । ଯାହାଙ୍କ ଜନ୍ମ ୨୦୧୦ରେ ହୋଇଥିଲା । ପରେ ୨୦୨୩ରେ ମାହିରା ବ୍ୟବସାୟୀ ସଲିମ କରିମଙ୍କୁ ବିବାହ କରିଥିଲେ । ଏବେ ଏହି ଦମ୍ପତି ପ୍ରଥମ ଥର ପାଇଁ ମାତାପିତା ହେବାକୁ ଯାଉଛନ୍ତି ।







## ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଗଜାନନ ପୂଜା ସହ ନୂଆଖାଇ ହାଟ

ଝାରସୁଗୁଡ଼ା,୧୫/୯(ନି/ପ୍ର): ସରବାହାଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୋମବାର ମହାଆଡ଼ମ୍ବରରେ ଶ୍ରୀ ଗଜାନନଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ପୂଜକ ଭାବେ ତରୁଣ ମିଶ୍ର ଏବଂ କର୍ତ୍ତା ଭାବେ ସମର ପାତ୍ର ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପୂଜାରେ ଯୋଗଦେଇ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ପ୍ରସାଦ ସେବନ କରିଥିଲେ। ପଶ୍ଚିମ ଓଡ଼ିଶାର କୃଷିଭିତିକ ଗଣପର୍ବ ନୂଆଖାଇ ତିହାର ଓ ଏହାର ପରମ୍ପରା ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ନିଆରା 'ନୂଆଖାଇ ହାଟ' ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ପୋଷାକ ପରିଧାନ କରି ହାଟରେ ବିଭିନ୍ନ ସାମଗ୍ରୀର ଦୋକାନ ଖୋଲିଥିଲେ। ରାସନ ସାମଗ୍ରୀ, ଖଲିଦନା, ନୂଆ ଧାନ ଓ ଚାଉଳ, ପନିପରିବା, ଲୁଗାପଟା, ଫୁଲ, ଫଳ ଏବଂ ପୂଜା ସାମଗ୍ରୀ ଆଦି ବିକ୍ରି ପାଇଁ ରଖାଯାଇଥିଲା। ଛାତ୍ରଛାତ୍ରୀମାନେ ଗ୍ରାହକଙ୍କୁ ସୁଲଭ ଦରରେ ସାମଗ୍ରୀ ମିଳୁଥିବା ନେଇ ଡାକି ଆକୃଷ୍ଟ କରୁଥିବା ବେଳେ ଅଭିଭାବକ ଓ ଅନ୍ୟ ଗ୍ରାହକମାନେ ସାମଗ୍ରୀ କିଣି ଏହି ଅଭିନବ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ଏହା ମାଧ୍ୟମରେ ଶିଶୁମାନେ ନୂଆଖାଇ ପରମ୍ପରା ସହିତ ହାଟ ବ୍ୟବସ୍ଥା, କ୍ରୟବିକ୍ରୟ ଓ ସାମାଜିକ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଅନୁଭୂତି ହାସଲ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ଲଳିତ ଜସ୍ୱାଲ, ପ୍ରସନ୍ନ ପୁରୋହିତ, ଅଶୋକ ସାକୁନିଆ ଏବଂ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଂଯୁକ୍ତା ମେହେର, ମୀନାକ୍ଷୀ ପଣ୍ଡା, ଦୀପ୍ତିମୟୀ ମହାପାତ୍ର, ତେଜରାଜ ସାହୁ, ମମତା ରାଉଳ, ପ୍ରଜ୍ଞା ପରିମିତା ସ୍ୱାଇଁଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଲଖନପୁର ଆଦର୍ଶ ବିଦ୍ୟାଳୟରେ ପରିବହନ ଅବ୍ୟବସ୍ଥା

ଝାରସୁଗୁଡ଼ା,୧୫/୯(ନି/ପ୍ର): ଗୋଟିଏ ବସ୍ ଖରାପ ହେଲେ ଠପ୍ ହେଉଛି ବ୍ୟବସ୍ଥା, ୮୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଭରସା ଦୁଇଟି ବସ୍। ଝାରସୁଗୁଡ଼ା ଜିଲ୍ଲାର ୩୩ଟି ଗ୍ରାମ ପଂଚାୟତର ଛାତ୍ରଛାତ୍ରୀ ନିର୍ଭର କରୁଥିବା ଲଖନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପରିବହନ ବ୍ୟବସ୍ଥା ଦିନକୁ ଦିନ ଚିନ୍ତାଜନକ ହେବାରେ ଲାଗିଛି। ବସରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଲେ ବିକଳ୍ପ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବା ସହ ଘରକୁ ଫେରିବାରେ ବିଳମ୍ବ ହେଉଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଂଚଗାଁରୁ ଲଖନପୁର ବ୍ଲକସ୍ଥିତ ଆଦର୍ଶ ବିଦ୍ୟାଳୟର ଦୂରତା ୩୦ କିମିରୁ ଅଧିକ। ଏଭଳି ଦୂର ଦୂରାନ୍ତରୁ ଛାତ୍ରଛାତ୍ରୀ ପ୍ରତିଦିନ ବିଦ୍ୟାଳୟକୁ ଯାତାୟାତ କରୁଥିବା ବେଳେ ବସ୍ ସଂଖ୍ୟା ମଧ୍ୟ ଆବଶ୍ୟକତା ତୁଳନାରେ କମ୍ ରହିଥିବା ଅଭିଯୋଗ ହୋଇଛି। କଣ୍ଡେଇକେଲାରୁ ଭିକମପାଲି ରୁଟ୍ରେ ୪୦ ସିଟ୍ ବିଶିଷ୍ଟ ବସ୍ ଏବଂ ପଂଚଗାଁରୁ କଦମଡିହି ରୁଟ୍ରେ ୩୦ ସିଟ୍ ବିଶିଷ୍ଟ ବସ୍ରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ଜଣାପଡ଼ିଛି। ଫଳରେ ବସଗୁଡ଼ିକରେ ଅତିରିକ୍ତ ଚାପ ସୃଷ୍ଟି ହେଉଥିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ, ବିଦ୍ୟାଳୟର ନୂତନ ହଷ୍ଟେଲ ଗୃହ ନିର୍ମାଣ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ମନ୍ଥର ଗତିରେ ଚାଲିଥିବା ଅଭିଭାବକମାନେ କହିଛନ୍ତି। ହଷ୍ଟେଲ ନିର୍ମାଣ ଶେଷ ହୋଇ କାର୍ଯ୍ୟକ୍ଷମ ହେଲେ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଯାତାୟାତ ସମସ୍ୟା ବହୁମାତ୍ରାରେ ଦୂର ହୋଇପାରିବ। ତେଣୁ ହଷ୍ଟେଲ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସେ ପର୍ଯ୍ୟନ୍ତ ଅଧିକ ସ୍କୁଲ ବସ୍ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଲଖନପୁର ଗୋଷ୍ଠୀ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନଥିଲା। ବିଦ୍ୟାଳୟ ଅଂଚଳରେ ନେଟୱର୍କ ସମସ୍ୟା ଯୋଗୁଁ ବିଦ୍ୟାଳୟ ଅଧକ୍ଷ ରାଜୀବ ପଟେଲଙ୍କ ସହ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ପାଠପଢ଼ାକୁ ଦୃଷ୍ଟିରେ ରଖି ତୁରନ୍ତ ପରିବହନ ବ୍ୟବସ୍ଥା ସୁଧାରିବାକୁ ଅଭିଭାବକ ମହଲରୁ ଦାବି ହୋଇଛି।

## ମହୁକୁଦ ଗ୍ରାମର ପ୍ରତିଭାବାନ ଛାତ୍ର ରୋହିତ୍ କୁମାର ସାହୁଙ୍କ ସଫଳତା



ସମ୍ବଲପୁର,୧୫/୯(ନି/ପ୍ର): ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ମହକୁଦ ଗ୍ରାମର ମୁଳ ବାସିନ୍ଦା ତଥା ଗ୍ରାମ ମଙ୍ଗଳ ଯୁବକ ସଂଘର ପ୍ରଥମ ପ୍ରୋଜେକ୍ଟ ଲିଡ଼ର ବୌଦ ବ୍ଲକ୍ କାର୍ଯ୍ୟାଳୟର ପୂର୍ବତନ ବିନ୍ନ ଅଧିକାରୀ ସ୍ୱର୍ଗତ ରୋମାଟଂ ସାହୁଙ୍କ ପୁତ୍ର ଶ୍ରୀମାନ୍ ରୋହିତ୍ କୁମାର ସାହୁ ନିଜର ଯୋଗ୍ୟତା ଓ ଜ୍ଞାନ ମାଧ୍ୟମରେ ଉତର ପ୍ରଦେଶର ବରେଲି ଜିଲ୍ଲା ଅନ୍ତର୍ଗତ ଆଁ ଓ ଲା ଠାରେ ଥିବା ଇଣ୍ଡିଆନ୍ ଫାର୍ମର ଫର୍ଟିଲାଇଜର କୋଅପରିଟିଭ ଲିମିଟିଟେଡ଼େରେ ପ୍ରବନ୍ଧକ ଭାବରେ ଯୋଗ ଦେଇଛନ୍ତି । ସେ ରେଢାଖୋଲ ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲ୍ ଓ ବରଗଡ଼ର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରିବା ପରେ ବୁର୍ଲା ର ଭିସୁଟ ରେ ସିଭିଲ୍ ଇଞ୍ଜିନିୟରିଙ୍ଗ୍ ସ୍ନାତକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ଭୁବନେଶ୍ୱର କିଟ୍ସ ଅଧୀନରେ ଥିବା ସ୍କୁଲ୍ ଅଫ୍ ମେନେଜମେଂଟ ଠାରୁ ଏମବିଏ ଡିଗ୍ରି ହାସଲ କରି ଥିଲେ । ସେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ମଧ୍ୟ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି । ରୋହିତ ଙ୍କ ସଫଳତା ପାଇଁ ମହକୁଦ ଯୁବକ ସଂଘ, ଗ୍ରାମ କମିଟି ଓ ମହିଳା ସମିତି ତରଫରୁ ତାଙ୍କୁ ସାଧୁବାଦ ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ଜଳିଗଲା ଗଣପତିଙ୍କ ପୂଜାମଣ୍ଡପ
### ଜନଗହଳି ସତ୍ତ୍ୱେ ବଡ଼ ଟଳିଲା ବଡ଼ବିପଦ



ସମ୍ବଲପୁର,୧୫/୯(ନି/ପ୍ର): ସମ୍ବଲପୁର ବୁଢ଼ାରାଜା ଠାରେ ଥିବା ଡେହେରିପାଲି ଗଣପତିଙ୍କ ପୂଜାମଣ୍ଡପରେ ଆଜି (ସୋମବାର) ରାତିରେ ହଠାତ ଅଗ୍ନିକାଣ୍ଡ ଘଟି ସମଗ୍ର ମଣ୍ଡପଟି ପୋଡ଼ିଯାଇଛି। ତେବେ ରାତିରେ ମଣ୍ଡପ ନିକଟରେ ପ୍ରବଳ ଜନସମାଗମ ହୋଇଥିଲେ ମଧ୍ୟ କାହାରି ବିଶେଷ କ୍ଷୟକ୍ଷତି ହୋଇନାହିଁ। ସୂଚନାନୁସାରେ, ରାତି ପ୍ରାୟ ସାଢ଼େ ୮ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଆୟୋଜକ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ତୁରନ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ଦୂରକୁ ହଟାଇବାକୁ ସକ୍ଷମ ହୋଇଥିଲେ। ମଣ୍ଡପ ମଧ୍ୟରେ ପୂଜକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ମଧ୍ୟ ସେମାନଙ୍କର କୌଣସି ବିଶେଷ କ୍ଷୟକ୍ଷତି ହୋଇନଥିଲା। ସୂଚନା ପାଇଁ ଦମକଳବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ। ସମ୍ବଲପୁର ଅଗ୍ନିଶମ ଅଧିକାରୀ ସୁଦାମ କିଶକୋ ସୂଚନା ଦେଇଛନ୍ତି। ଶ୍ରୀ କିଶକୋଙ୍କ ସୂଚନା ଅନୁସାରେ ଦେହେରିପାଲି ପୂଜା କମିଟି ପକ୍ଷରୁ ଗଣେଶ ପୂଜା ପାଳନ କରାଯାଇଥିଲା। ରାତି ୮.୨୫ ମିନିଟ ସମୟରେ ନିଆଁ ଲାଗିଥିବା ନେଇ ଫୋନ୍ ଆସିଥିଲା। ଫୋନ୍ କଲ୍ ପାଇବାପରେ ତୁରନ୍ତ ପହଚିଂବା ସହିତ ନିଆଁକୁ ଆୟନ୍ତ କରାଯାଇଥିଲା। ତେବେ ପୂଜା ମଣ୍ଡପରେ ଲୁହା ଷ୍ଟାଣ୍ଡ ସହିତ ପଲିଷ୍ଟର କପାଡ଼ାର କାରୁକାର୍ଯ୍ୟ କରାଯାଇଥିଲା। ଯେଉଁଥିପାଇଁ ନିଆଁ ଶୀଘ୍ର ଧରି ଚାରିଆଡ଼େ ବ୍ୟାପି ଯାଇଥିଲା। ଦେଖୁ ଦେଖୁ ମୁଖ୍ୟ ମଣ୍ଡପଟି ଜଳି ଯାଇଥିଲା। ତବେ ପ୍ରାଥମିକ ତଦନ୍ତରୁ ଦୀପନିଆଁ ବା ବିଦ୍ୟୁତ୍ ସର୍ଟସର୍କଟ ପାଇଁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏହି ଅଗ୍ନିକାଣ୍ଡଘଟଣାରେ ପୂଜା ମଣ୍ଡପ କ୍ଷତି ହୋଇଥିବା ବେଳେ ଅନ୍ୟ କାହାର କୌଣସି କ୍ଷତି ହୋଇ ନାହିଁ।

## ବେଲପାହାଡ଼ରେ ୮.୩୫୦ କେଜି ଗଞ୍ଜେଇ ଜବତ



ଝାରସୁଗୁଡ଼ା,୧୫/୯(ନି/ପ୍ର): ନିଶାମୁକ୍ତ ଓଡ଼ିଶା ଅଭିଯାନ ଅଧୀନରେ ଝାରସୁଗୁଡ଼ା ପୁଲିସକୁ ପୁଣି ଏକ ସଫଳତା ମିଳିଛି। ବେଲପାହାଡ଼ ଥାନା ପୁଲିସ ୮ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ନିଶାଦ୍ରବ୍ୟ ବେପାରୀକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ୧୩ ସେପଟେମ୍ବରରେ ବିଶ୍ୱସନୀୟ ସୂଚନା ଆଧାରରେ ବେଲପାହାଡ଼ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଏସ୍ଆଇ ମନୋରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ପୁଲିସ ଟିମ୍ ବେଲପାହାଡ଼ ରେଳ ଷ୍ଟେସନ ନିକଟରେ ଚଢ଼ଉ କରି ଗଞ୍ଜେଇ ନେଇ ଅବୈଧ ବିକ୍ରି ପାଇଁ ଯାଉଥିବା ହରିଶ କୁମାର ଚୌଧୁରୀ (୩୫)ଙ୍କୁ ଧରିଥିଲା। ତାଙ୍କ ନିକଟରୁ ୮.୩୫୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୫ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ଏଥିସହ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ଓ ସିମ୍, ନଗଦ ୧୫୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ପ୍ଲାଂଟସାଇଟ୍ ଥାନା ଅନ୍ତର୍ଗତ ଗୁରୁଦ୍ୱାର ରୋଡ୍ର ହରିଶ କୁମାର ଚୌଧୁରୀ। ଏନେଇ ବେଲପାହାଡ଼ ଥାନାରେ କେସ୍ ନମ୍ବର ୧୭୮, ତାରିଖ ୧୩/୦୯/୨୦୨୬ରେ ଏନ୍ଡିପିଏସ୍ ଆଇନର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇର ଉତ୍ସ ଏବଂ ଏହା ସହ ଜଡ଼ିତ ଅନ୍ୟମାନଙ୍କ ସମ୍ପର୍କରେ ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

## ଶିକ୍ଷା ଦାବିରେ ଛାତ୍ର ସାମ୍ମୁଖ୍ୟର ଆନ୍ଦୋଳନ ତୀବ୍ର
### ଷଷ୍ଠ ଦିନରେ ରିଲେ ଅନଶନ, ଦାବି ପୂରଣ ନହେବା ଯାଏଁ ଲଢ଼େଇ ଜାରି

ଝାରସୁଗୁଡ଼ା,୧୫/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଉଚ୍ଚଶିକ୍ଷାର ଭିତିଭୂମି ସୁଦୃଢ଼ କରିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ବିକାଶ ଦାବିରେ ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଆରମ୍ଭ ହୋଇଥିବା ରିଲେ ଅନଶନ ରବିବାର ଷଷ୍ଠ ଦିନରେ ପହଂଚିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏହି ଆନ୍ଦୋଳନକୁ ବିଭିନ୍ନ ସଂଗଠନ, ଆଇନଜୀବୀ, ସାମାଜିକ କର୍ମୀ ଓ ନେତାମାନେ ସମର୍ଥନ ଜଣାଇଛନ୍ତି। ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ୪ ଦଫା ଦାବି ରଖାଯାଇଛି। ଏଥିରେ ପୁରାତନ ଏଲ୍.ଏନ୍. କଲେଜର ସମ୍ପୂର୍ଣ୍ଣ ସରକାରୀକରଣ, ଝାରସୁଗୁଡ଼ା ଯାନ୍ତ୍ରିକ ସ୍କୁଲକୁ ଯାନ୍ତ୍ରିକ କଲେଜରେ ଉନ୍ନୀତ କରିବା, ଉପାନ୍ତ ୧୯ ଖଣ୍ଡ ମୌଜା ଅଂଚଳରେ ସରକାରୀ ଡିଗ୍ରୀ କଲେଜ ପ୍ରତିଷ୍ଠା ଏବଂ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ସ୍ଥାପନ ଦାବି ରହିଛି। ରବିବାର ସମାଜବାଦୀ ଦଳର ଏମ୍.ଡି. ଅକତର ଧାରଣାସ୍ଥଳରେ ପହଂଚି ଛାତ୍ରନେତାଙ୍କ ସହ ଆଲୋଚନା କରିବା ସହ ଦାବିଗୁଡ଼ିକୁ ସମର୍ଥନ ଜଣାଇଥିଲେ। ସେହିପରି ଆଇନଜୀବୀ ସିୟାରାମ ଦାସ, ରାହୁଲ ରାୟ, ପବନ କୁମାର, ସାମାଜିକ କର୍ମୀ ସତ୍ୟନାରାୟଣ ରାଓ, ଆଦିବାସୀ ନେତା ପ୍ରଭାକର ଓରାମ, ଯୁବନେତା ତ୍ରିଲୋଚନ ଡନସନା, କବି ପ୍ରେମସାଗର ଦେହେରିଆ ଓ ତେଜରାଜ ଲୁହା ପ୍ରମୁଖ ଧାରଣାସ୍ଥଳରେ ପହଂଚି ଛାତ୍ର ସାମ୍ମୁଖ୍ୟର ଦାବି ପ୍ରତି ସମର୍ଥନ ଜଣାଇଥିଲେ। ପ୍ରତିଦିନର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସନ୍ଧ୍ୟା ୫ଟାରେ ଜାତୀୟ ସଙ୍ଗୀତ ଗାନ ପରେ ଷଷ୍ଠ ଦିନର ରିଲେ ଅନଶନ ସ୍ଥଗିତ ରଖାଯାଇଥିଲା। ଦାବିଗୁଡ଼ିକ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଛି। ଧାରଣାସ୍ଥଳରେ ସାମ୍ମୁଖ୍ୟ ସଭାପତି ଅସୀମ ପଟେଲ, ସଂଗଠନ ସମ୍ପାଦକ ଜିତେନ୍ଦ୍ରୀୟ ଧୁରୁଆ, ଉପସଭାପତି ରବି ରୋହିଦାସ ଓ ସ୍ୱରୂପ କିସାନ, ସାଧାରଣ ସମ୍ପାଦକ ସମ୍ବିତ ନାଏକ, ଯୁଗ୍ମ ସମ୍ପାଦକ ନନ୍ଦୁ ରୋହିଦାସ ଓ ସୂର୍ଯ୍ୟ ପ୍ରଧାନଙ୍କ ସମେତ ବହୁ ଛାତ୍ରନେତା ଓ ସମର୍ଥକ ଉପସ୍ଥିତ ଥିଲେ।

## ଲଖନପୁରର ୧୩ ବ୍ଲକଗ୍ରାଂଟ ହାଇସ୍କୁଲରେ ଖାଲି ପଦବୀ

ଝାରସୁଗୁଡ଼ା,୧୫/୯(ନି/ପ୍ର): ସ୍ଥାୟୀ ନିଯୁକ୍ତି ଅଭାବରୁ ଅତିଥି ଶିକ୍ଷକଙ୍କ ଭରସା, ଆଗକୁ ୩୦ରୁ ୪୦% ଅବସର ନେବା ଆଶଙ୍କା ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କୁ ନିଜ ଅଂଚଳରେ ଗୁଣାତ୍ମକ ଶିକ୍ଷା ଯୋଗାଇବା ଲକ୍ଷ୍ୟରେ ପ୍ରତିଷ୍ଠିତ ବ୍ଲକଗ୍ରାଂଟ ହାଇସ୍କୁଲଗୁଡ଼ିକ ଏବେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଅଭାବରେ ଜର୍ଜରିତ। ଲଖନପୁର ବ୍ଲକର ୧୪ଟି ବ୍ଲକଗ୍ରାଂଟ ହାଇସ୍କୁଲ ମଧ୍ୟରୁ ୧୩ଟି ବିଦ୍ୟାଳୟରେ ବିଭିନ୍ନ ବିଷୟର ଶିକ୍ଷକ ଓ କର୍ମଚାରୀ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଖାଲି ପଦବୀ ପୂରଣ ନ ହେବା ଯୋଗୁଁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଥିବା ବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ମିଳିଥିବା ସୂଚନା ଅନୁସାରେ, କଣ୍ଡେଇକେଲା ନଟବର ହାଇସ୍କୁଲ, ଧୁଲୁଣ୍ଡା ଆଚାର୍ଯ୍ୟ ମୁରଲୀଧର ହାଇସ୍କୁଲ, ପଂଚଗାଁ ଦେବକୀ ଦେବୀ ବାଳିକା ହାଇସ୍କୁଲ, ଜାମଗାଁ ଆଂଚଳିକ ହାଇସ୍କୁଲ, କତରବଗା କ୍ଷମାନିଧି ଭୋଇ ହାଇସ୍କୁଲ, ସମରବଗା ପଂଚାୟତ ହାଇସ୍କୁଲ, ବାଘମୁଣ୍ଡା ପଂଚାୟତ ହାଇସ୍କୁଲ, ଖଏରକୁନି ଆଂଚଳିକ ହାଇସ୍କୁଲ, ଚାରପାଲି-ବରପାଲି ରମ୍ଭେଲା ହାଇସ୍କୁଲ, ଗୁଡ଼ିଆଲି ଭଗବାନ ପୃଷେଟ ହାଇସ୍କୁଲ, ଛୁଆଲିବେର୍ଣ୍ଣା ନରସିଂହ ହାଇସ୍କୁଲ ଓ ରେମଣ୍ଡା ହାଇସ୍କୁଲ ସମେତ ୧୩ଟି ବିଦ୍ୟାଳୟରେ ଗଣିତ, ବିଜ୍ଞାନ, କଳା, ହିନ୍ଦୀ, ସଙ୍ଗୀତ ଓ କ୍ରୀଡ଼ା ଭଳି ବିଷୟରେ ଶିକ୍ଷକ ପଦବୀ ଖାଲି ରହିଛି। ଏଥିସହ କିରାଣୀ, ପିଅନ ଓ ରାତ୍ର ଜଗୁଆଳି ଭଳି ଅଣଶିକ୍ଷକ ପଦବୀ ମଧ୍ୟ ପୂରଣ ହୋଇନାହିଁ। ବର୍ଷକୁ ବର୍ଷ ଶିକ୍ଷକ ଓ କର୍ମଚାରୀ ଅବସର ନେଉଥିଲେ ମଧ୍ୟ ସେହି ଖାଲି ପଦବୀରେ ସ୍ଥାୟୀ ନିଯୁକ୍ତି ହେଉନାହିଁ। ଫଳରେ ଅନେକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ପାଠପଢ଼ା ବ୍ୟବସ୍ଥା ପ୍ରଭାବିତ ହେଉଛି। ଏଭଳି ସ୍ଥିତିରେ ସ୍ଥାୟୀ ନିଯୁକ୍ତି ବଦଳରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତ କରି ଶିକ୍ଷାଦାନ ବ୍ୟବସ୍ଥା ଚଳାଇବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ନ ହୋଇ ବିଦ୍ୟାଳୟଗୁଡ଼ିକ ଅସ୍ଥାୟୀ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଆହୁରି ଚିନ୍ତାଜନକ ବିଷୟ ହେଉଛି, ଆସନ୍ତା ୨୦୨୭-୨୮ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟଗୁଡ଼ିକର ପ୍ରାୟ ୩୦ରୁ ୪୦ ପ୍ରତିଶତ ଶିକ୍ଷକ ଓ କର୍ମଚାରୀ ଅବସର ନେବେ ବୋଲି ଜଣାପଡ଼ିଛି। ବର୍ତ୍ତମାନ ହିଁ ବହୁ ପଦବୀ ଖାଲି ଥିବା ବେଳେ ଆଗାମୀ ଦିନରେ ଏତେ ସଂଖ୍ୟକ କର୍ମଚାରୀ ଅବସର ନେଲେ ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ବ୍ୟବସ୍ଥା କିଭଳି ଚାଲିବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବ୍ଲକଗ୍ରାଂଟ ଶିକ୍ଷକମାନଙ୍କ ମଧ୍ୟରେ ୟୁପିଏସ୍, ଏନ୍ପିଏସ୍, ଇଏଲ୍, ଏଚ୍ଆର୍ଏ ଓ ପୁରୁଣା ପେନସନ ଭଳି ବିଭିନ୍ନ ସୁବିଧାକୁ ନେଇ ଅସନ୍ତୋଷ ରହିଥିବା ଶିକ୍ଷକ ମହଲରୁ ଜଣାପଡ଼ିଛି।

## କୁଚିଣ୍ଡା ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ



ସମ୍ବଲପୁର,୧୫/୯(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରବିବାର କୁଚିଣ୍ଡା ସାମ୍ବାଦିକ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ଦୀନେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଗତ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ,ଅଚଳ ହୋଇ ପଡିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଫିସକୁ ଖୋଲିବା ସହ ନୂତନ ଭାବେ ସୂଚନା ଅଧିକାରୀଙ୍କ ନିଯୁକ୍ତି କରାଇବାରେ ସାମ୍ବାଦିକ ସଂଘର ପ୍ରମୁଖ ଭୂମିକା ବିଷୟରେ ଆଲୋଚନା ହୋଇଥିଲା।ପରେ ଆଗାମୀ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବରିଷ୍ଠ ଖବରଦାତା ବିରଚିଂ ଦର୍ଶା ଓ ସୁଧିର କୁମାର ମହାନ୍ତି ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିା ବେଳେ ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁର ଜିଲ୍ଲା ଉପସଭାପତି ସତୀଶ କୁମାର ମିଶ୍ର ଯୋଗଦେଇଥିଲେ।ସଂଘରେ ମତଭେଦ,ବିଦ୍ୱେଷକୁ ଭୁଲି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ନିର୍ବାଚନ ନକରି ସର୍ମବସମ୍ମତିକ୍ରମେ ମନୋନୟନ ପଦ୍ଧତିରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଦୀନେଶ କୁମାର ନନ୍ଦ ସଭାପତି, ପ୍ରଶାନ୍ତ ଶର୍ମା ଓ ହୃଦୟ ଚନ୍ଦ୍ର ପଟେଲ ଉପସଭାପତି, ରିଙ୍କୁ କୁସୁମ ସାଧାରଣ ସମ୍ପାଦକ,ଅଦିତ ପଣ୍ଡା ସମ୍ପାଦକ ଓ ସୁଧିର କୁମାର ମହାନ୍ତି କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସଭାପତି ପ୍ରଭାତ ବେହେରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ଶର୍ମା, ଅମୂଲ୍ୟ ମିଶ୍ର, ଜୟ କିଶୋର ମହାପାତ୍ର,ତପନ ଦାସ, ଦେବେନ୍ଦ୍ର ବେହେରା, ତନୟ ମହାପାତ୍ର, ସୌମ୍ୟରଞ୍ଜନ ଧଳ,ଲିପୁନ ଚାନ୍ଦ ସାହୁ,ରଞ୍ଜିତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୋଡିନ୍ୟୁକ୍ତ କଫ୍ ସିରପ୍ ୫୦୦ ବୋତଲ ଜବତ, ୧ ଗିରଫ



ସମ୍ବଲପୁର,୧୫/୯(ନି/ପ୍ର): ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବୁର୍ଲା ଥାନା ପୋଲିସ ବିପୁଳ ପରିମାଣର ବେଆଇନ ଚୋରାଚାଲାଣ ଅପେକ୍ଷାରେ ଥିବା କୋଡିନ୍ୟୁକ୍ତ କଫ୍ ସିରଫ୍ ଜବତ୍ କରିବା ସହ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ବୁର୍ଲା ଥାନାରେ ୩୮୫/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି । ଗିରଫ ଅଭିଯୁକ୍ତକୁ ଚିହ୍ନଟ କରିବାରେ ବୁର୍ଲା ଥାନା ଗାନ୍ଧୀପଡ଼ା ଅଂଚଳର ୫୦ ବର୍ଷୀୟ ନରେଶ ବନଚୋର ବୋଲି ଜଣାପଡିଛି । ପୁଲିସ ସୂଚନା ମୁତାବକ ଆଜି ସକାଳେ ବୁର୍ଲା ଥାନାର ଏସ୍ଆଇ ଆଶିଷ କୁମାର ନାୟକ ଓ ଅନ୍ୟ ସହ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଏକ ବିଶ୍ୱାସନୀୟ ସୂତ୍ରରୁ ବିପୁଳ ପରିମାଣର କୋଡିନ୍ୟୁକ୍ତ କଫ୍ ସିରପ୍ ଚୋରା କାରବାର ସମ୍ପର୍କରେ ସୂଚନା ପାଇଥିଲେ । ଏହି ସୂଚନା ଆଧାରରେ ପୋଲିସ ବୁର୍ଲା ମହତାବନଗର ଫାୟାରିଂ ରେଞ୍ଜ ଫିଲ୍ଡ ନିକଟସ୍ଥ ଖ୍ରୀଷ୍ଟିଆନ୍ ଶ୍ମଶାନ ନିକଟରେ ଚଢ଼ାଉ କରିବାରେ ସେଠାରେ ଅଭିଯୁକ୍ତ ନରେଶକୁ ଧରିଥିଲେ । ତାକୁ ଯାଂଚ୍ କରିବାରେ ତା' ନିକଟରେ ଥିବା କୋଡିନ୍ୟୁକ୍ତ ୫୦୦ ବୋତଲ ଓ୍ୱିନସରେକ୍ସ କଫ୍ ସିରପ୍ ଜବତ କରିଥିଲେ । ଦୁଇଟି ପ୍ଲାଷ୍ଟିକ୍ ବ୍ୟାଗ୍ରେ ୨୫୦ଟି ଲେଖାଏଁ ବୋତଲ ରହିଥିଲା । ଏହାର ପରିବହନ ସମ୍ପର୍କରେ ଅଭିଯୁକ୍ତ କୌଣସି ଲାଇସେନ୍ସ କିମ୍ବା କର୍ତ୍ତୃପକ୍ଷଙ୍କ ଅନୁମତିପତ୍ର ଦେଖାଇ ପାରିନଥିଲେ। ଡ୍ରଗ୍ ଇନ୍ସପେକ୍ଟର, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ଉପସ୍ଥିତ ସାକ୍ଷୀଙ୍କ ଉପସ୍ଥିତିରେ ପୋଲିସ ସମସ୍ତ କଫ୍ ସିରପ୍ ଗୁଡ଼ିକୁ ଜବତ କରି ଅଭିଯୁକ୍ତ ନରେଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

## ଏସ୍ଏଚ୍-୧୦ରେ ବିପଦ ଡାକୁଛି ରାସ୍ତାକଡ଼ର ବାଲି

ଝାରସୁଗୁଡ଼ା,୧୫/୯(ନି/ପ୍ର): ଝାରସୁଗୁଡ଼ାରୁ ସମ୍ବଲପୁରକୁ ସଂଯୋଗ କରୁଥିବା ୧୦ ନମ୍ବର ରାଜ୍ୟ ରାଜପଥ (ଏସ୍ଏଚ୍-୧୦) ଏବେ ଯାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତାକଡ଼ରେ ଜମି ରହିଥିବା ବାଲି ସାଙ୍ଗକୁ ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଥିବା ଅଭିଯୋଗ ହୋଇଛି। ଖଣି ଓ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲା ଦେଇ ଯାଇଥିବା ଏହି ରାଜପଥରେ ପ୍ରତିଦିନ ହଜାର ହଜାର କୋଇଲା, ବାଲି ଓ ପାଉଁଶ ବୋଝେଇ ଟ୍ରକ୍ ସମେତ ଅନ୍ୟାନ୍ୟ ଭାରିଯାନ ଏବଂ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ତେବେ ରାସ୍ତା ମରାମତି ଓ ପିଚୁ କାମ କରୁଥିବା ସଂସ୍ଥାର ଅବହେଳା ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ଫୁଟେ ଉଚ୍ଚର ବାଲି ଜମି ରହିଛି। ଫଳରେ ରାସ୍ତାର ଚଉଡ଼ା କମିବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ଦୁଇଚକିଆ ଓ ସାଇକେଲ ଚାଳକଙ୍କ ପାଇଁ ରାସ୍ତାକଡ଼ରେ ଜମିଥିବା ବାଲି ବିପଦ ସୃଷ୍ଟି କରୁଛି। ଚକା ବାଲି ଉପରକୁ ଚଢ଼ିଗଲେ ଚାଳକ ନିୟନ୍ତ୍ରଣ ହରାଇ ରାସ୍ତା ମଝିକୁ ଚାଲିଆସୁଛନ୍ତି। ଏହି ସମୟରେ ପଛପଟୁ ଆସୁଥିବା ଭାରିଯାନ ସହ ଧକ୍କା ହୋଇ ଦୁର୍ଘଟଣା ଘଟିବାର ଆଶଙ୍କା ବଢ଼ିଛି। ରାସ୍ତାକଡ଼ରୁ ନିୟମିତ ବାଲି ସଫା କରାଯାଉନଥିବାରୁ ନିରୀହ ଲୋକଙ୍କ ଜୀବନ ପ୍ରତି ବିପଦ ବଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା, ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ, ହେଲମେଟ ଓ ସିଟ୍ବେଲ୍ଟ ବ୍ୟବହାର ନକରିବା, ବିପରୀତ ଦିଗରେ ଗାଡ଼ି ଚଳାଇବା ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ଭଳି ନିୟମ ଉଲ୍ଲଂଘନ ମଧ୍ୟ ଦୁର୍ଘଟଣା ବୃଦ୍ଧିର ଅନ୍ୟତମ କାରଣ ବୋଲି ଜିଲ୍ଲାର ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

